Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୫, ଭୁବନେଶ୍ୱର, ଡିସେମ୍ବର ୧୮-୨୪, ୨୦୨୩, Vol: 1, Issue: 5, Bhubaneswar, December 18-24, 2023



# ମିଳୁନି ବେଲ୍: ସବୁ ଜେଲ୍ ଫୁଲ୍

ଅପରାଧିକ କାର୍ଯ୍ୟକଳାପ ପାଇଁ ଓଡିଶାର ବିଭିନ୍ନ ଜେଲ୍ (କାରାଗାର) ରେ ଅନେକ ବନ୍ଦୀ ଜୀବନ ବିତାଉଛନ୍ତି। ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ବିଚାର ପ୍ରକ୍ରିୟା ଚାଲିବା (Undertrial) ଦ୍ୱାରା ଅଟକ ଥିବା କିମ୍ବା ଦୋଷୀ ସାବ୍ୟସ୍ତ ହେଇ (Convicts) କଏଦ୍ ବା ବନ୍ଦୀ ଜୀବନ ବିତାଉଥିବା ଏହି ଦୁଇ ପ୍ରକାର ର ଅନେକ କଏଦି ଅଛନ୍ତି।ରାଜ୍ୟ ସରକାର ଙ୍କ ୱେବ ସାଇଟ୍ ରେ ଜେଲ୍ ବିଭାଗ ର ଅକ୍ଟୋବର ମାସ ତଥ୍ୟ ଅନୁସାରେ ରାଜ୍ୟରେ ବିଭିନ୍ନ ପ୍ରକାରର ୮୭ ଟି ଜେଲ୍ (କାରାଗାର) ରହିଛି। ସେଗୁଡିକ ଯଥାକ୍ରମେ ସର୍କଲ ଜେଲ୍, ଜିଲ୍ଲା ଜେଲ୍, ସ୍ୱତନ୍ତ୍ର ଜେଲ୍, ସ୍ୱତନ୍ତ୍ର ସବ୍ ଜେଲ୍ ଓ ସବ୍ ଜେଲ୍ ନାମରେ ନାମିତ। ଓଡିଶାର କାରାଗାର ତଥ୍ୟକୁ ଅନୁଶୀଳନ କଲେ ଜଣାପଡେ ଯେ ରାଜ୍ୟରେ ସାତଟି ସର୍କଲ ଜେଲ୍, ସତରଟି ଜିଲ୍ଲା ଜେଲ୍, ପାଞ୍ଚଟି ସ୍ପେଶାଲ୍ (ସ୍ୱତନ୍ତ୍ର) ଜେଲ୍, ଦୁଇଟି ସ୍ପେଶାଲ ସବ୍ ଜେଲ୍ (ସ୍ୱତନ୍ତ୍ର ଉପ କାରାଗାର) ଏବଂ ଛପନଟି ସବ୍ ଜେଲ୍ (ଉପ କାରାଗାର) ଅଛି। ଏ ସମସ୍ତ ଜେଲ୍ ରେ କ୍ଷମତା ଅନୁଯାୟୀ ୨୧୫୩୯ ପୁରୁଷ ବନ୍ଦୀ ଓ ୧୯୩୭ ଜଣ ମହିଳା ବନ୍ଦୀ ଏବଂ ସର୍ବମୋଟ ୨୩୪୭୬ ଜଣଙ୍କ ରହିବା ନିମନ୍ତେ ବ୍ୟବସ୍ଥା ରହିଛି। କିନ୍ତୁ ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତ ଜେଲ୍ ରେ କେଉଁଠି ଆବଶ୍ୟକୀୟ ସଂଖ୍ୟା ସହ ସମାନ ମାନେ ଫୁଲ୍ ବନ୍ଦୀ ଅଛନ୍ତି ତ କେଉଁଠି କ୍ଷମତା ଠାରୁ ଯଥେଷ୍ଟ ଅଧିକ ବନ୍ଦୀ ରହିଛନ୍ତି। ଏହାଦ୍ୱାରା ସେନାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ବନ୍ଦୀ ଜୀବନ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଓଡ଼ିଶାରେ ଥିବା ବିଭିନ୍ନ ପ୍ରକାର ର ଜେଲ୍ ମଧ୍ୟରୁ ସମସ୍ତଙ୍କର ସ୍ଥିତି ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ କିନ୍ତୁ ପ୍ରମୁଖ କିଛି ଜେଲ୍‌ର ସ୍ଥିତି କୁ ପାଠକମାନଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରୁଛୁ।

ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରର ସମୁଦାୟ କ୍ଷମତା ୯୯୧ ଜଣ କିନ୍ତୁ ସେଠାରେ ୧୪୩୫ ଜଣ ଅନ୍ତେବାସୀ ଅଛନ୍ତି। ସେହିପରି ବ୍ରହ୍ମପୁର ସର୍କଲ୍ ଜେଲରେ ୯୧୪ ଜଣଙ୍କ ଜାଗାରେ ୯୪୪ ଜଣ ଅଛନ୍ତି। ଚୌଦ୍ୱାର ସର୍କଲ ଜେଲରେ କିନ୍ତୁ ଧାର୍ଯ୍ୟ ମାପଦଣ୍ଡ ୧୧୫୬ ଜଣଙ୍କ ଠାରୁ କମ୍ ସଂଖ୍ୟକ କଏଦି ମାନେ ୧୦୯୯ ଜଣ ଅଛନ୍ତି।

ସମ୍ବଲପୁର ଜିଲ୍ଲା କାରାଗାରରେ ୭୦୪ ଜଣଙ୍କ ଜାଗାରେ ୮୩୧ ଜଣ ଥିବା ବେଳେ ବାଲେଶ୍ୱର ଜିଲ୍ଲା କାରାଗାରରେ ୫୩୦ ଜଣଙ୍କ ଜାଗାରେ ୬୭୯ ଜଣ ଅଛନ୍ତି। ଭଦ୍ରକ ଜିଲ୍ଲା କାରାଗାରରେ ୨୦୧ ଜଣଙ୍କ ଜାଗାରେ ୨୯୫ ଜଣ ଅବସ୍ଥାନ କରୁଛନ୍ତି। ବଲାଙ୍ଗୀର ଜିଲ୍ଲା କାରାଗାରରେ ୩୯୨ ଜଣ ଜାଗାରେ ୪୩୭ଜଣ ରହୁଛନ୍ତି। ଯାଜପୁର ଜିଲ୍ଲା କାରାଗାରରେ ୧୩୩ ଜଣଙ୍କ ପାଇଁ ବ୍ୟବସ୍ଥା ରହିଛି କିନ୍ତୁ ସେଠି ୨୦୭ ଜଣ ଅନ୍ତେବାସୀ ଅଛନ୍ତି। ଜଗତସିଂହପୁର ଜିଲ୍ଲା କାରାଗାର ରେ ୧୮୩ ଜଣଙ୍କ ସ୍ଥାନରେ ୧୮୫ଜଣ ଅଛନ୍ତି। ଝାରସୁଗୁଡ଼ା ଜିଲ୍ଲା କାରାଗାର ୩୨୪ ଜଣଙ୍କ ବ୍ୟବସ୍ଥାରେ ୩୮୦ ଜଣ ଅଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା କାରାଗାରରେ ୧୯୨ ଜଣଙ୍କ ଜାଗାରେ ୨୨୧ଜଣ ଅଛନ୍ତି। ଖୋର୍ଦ୍ଧା ଜିଲ୍ଲା କାରାଗାରରେ ୨୫୮ ଜଣଙ୍କ ଜାଗାରେ ୩୧୨ ଜଣ ଅଛନ୍ତି। ମାଲକାନଗିରି ଜିଲ୍ଲା କାରାଗାର ରେ ୬୨୪ ଜଣଙ୍କ ଜାଗାରେ ୬୩୦ ଜଣ ଅଛନ୍ତି। ସୁନ୍ଦରଗଡ଼ ଜିଲ୍ଲା କାରାଗାରରେ ୪୨୯ ଜଣଙ୍କ ଜାଗାରେ ୪୩୭ ଜଣ ଅଛନ୍ତି।

ଆନନ୍ଦପୁର ଉପ କାରାଗାର ରେ ୭୭ ଜଣଙ୍କ ଜାଗାରେ ୯୩ ଜଣ, ଆସ୍କା ଉପ କାରାଗାର ରେ ୧୫୦ ଜଣଙ୍କ ଜାଗାରେ ୧୬୬ ଜଣ ରହୁଛନ୍ତି। ବାଙ୍କି ସବ୍ ଜେଲ୍ ର କ୍ଷମତା ୨୨ ଜଣ ଥିବା ବେଳେ ସେଠି ୩୧ଜଣ ଅଛନ୍ତି। ଧର୍ମଗଡ ସବ୍‌ଜେଲ୍‌ରେ ୮୮ ଜଣଙ୍କ ଜାଗାରେ ୧୧୯ ଜଣ, ଗୁଣୁପୁର ସବ୍ ଜେଲ୍ ରେ ୧୧୦ ଜଣଙ୍କ ଜାଗାରେ ୧୪୧ ଜଣ ରହୁଛନ୍ତି। କାମାକ୍ଷାନଗର ସବ୍‌ଜେଲ୍‌ରେ ୬୯ ଜଣଙ୍କ ଜାଗାରେ ୯୫ ଜଣ, କରଞ୍ଜିଆ ସବ୍ ଜେଲ୍ ରେ ୧୨୫ ଜଣଙ୍କ ଜାଗାରେ ୧୪୪ ଜଣ ଅଛନ୍ତି। କୋଦଳା ସବ୍ ଜେଲ୍ ରେ ୨୦୫ ଜଣଙ୍କ ଜାଗାରେ ୨୨୯ ଜଣ, କୁଚିଣ୍ଡା ସବ୍ ଜେଲ୍ ରେ ୬୯ ଜଣଙ୍କ ଜାଗାରେ ୯୧ ଜଣ, ନୂଆପଡ଼ା ସବ୍‌ଜେଲ୍‌ରେ ୧୨୪ ଜଣଙ୍କ ଜାଗାରେ ୧୨୭ ଜଣ, ପାଟନାଗଡ ସବ୍ ଜେଲ୍ ରେ ୧୪୨ ଜଣଙ୍କ ଜାଗାରେ ୧୫୨ ଜଣ, ରେଢ଼ାଖୋଲ ସବ୍‌ଜେଲ୍‌ରେ ୫୯ ଜଣଙ୍କ ଜାଗାରେ ସମାନ ୫୯ ଜଣ ରହୁଛନ୍ତି। ରଣପୁର ଜୁଭେନାଇଲ୍ ସବ୍‌ଜେଲ୍‌ରେ ୩୦ ଜଣଙ୍କ ଜାଗାରେ ୩୫ ଜଣ, ରାୟଗଡ଼ା ସବ୍‌ଜେଲ୍‌ରେ ୧୪୬ ଜାଗାରେ ୧୭୦ ଜଣ ଏବେ ଅଛନ୍ତି।

ଜେଲ୍ ବା କାରାଗାର ରେ ରହିବା କ୍ଷମତା ଠାରୁ ଯଥେଷ୍ଟ ଅଧିକ ବନ୍ଦୀ ରହିବାର ମୁଖ୍ୟ କାରଣ ହେଲା ଠିକଣା ସମୟ ରେ ସେମାନେ ବେଲ୍ (ଜାମିନ୍) ପାଇପାରୁ ନାହାନ୍ତି। ସଂଗୀନ ଅପରାଧିକ କାର୍ଯ୍ୟକଳାପ କାରଣ ପାଇଁ ହେଉ କି ବିଚାର ପ୍ରକ୍ରିୟା ରେ ବିଳମ୍ବ ପାଇଁ ହେଉ କି ମୁଦଲାମାନଙ୍କ ପରିବାର ର ଲୋକଙ୍କ ଅବହେଳା ପାଇଁ ହେଉ ଅବା ପୋଲିସ୍‌ର ତଦନ୍ତ ପ୍ରକିୟାରେ ଶିଥିଳ ଗତି ପାଇଁ ହେଉ ପରିଣାମ ସ୍ୱରୁପ ଆଜି ପ୍ରାୟ ଜେଲ୍ ଫୁଲ୍ ରହିଛି।

ପ୍ରାୟ ଜେଲ୍ ଫୁଲ୍ ରହିବା ଦ୍ୱାରା ତା ଭିତରେ ବନ୍ଦୀ ଜୀବନ ବିତାଉଥିବା କଏଦିମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବେ ଆମେ ସେ ବିଷୟକୁ ଜାଉନାହୁଁ। କିନ୍ତୁ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା ପାଇଁ ସରକାରଙ୍କ ତହବିଲ୍‌ରୁ ମୋଟା ଅର୍ଥ ଅପଚୟ ହେଉଛି ତାହା ହିଁ ବିଡ଼ମ୍ବନାର ବିଷୟ ଓ ଚିନ୍ତାଜନକ। ଗତବର୍ଷ ନଭେମ୍ବର ୨୬ ତାରିଖ ଜାତୀୟ ସମ୍ବିଧାନ ଦିବସ ପାଳନ ଦିନ ଉଚ୍ଚତମ ନ୍ୟାୟାଳୟରେ ଅଭିଭାଷଣ ଦେବା ସମୟ ରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟା ଏହି ସମ୍ବେଦନଶୀଳ ପ୍ରସଙ୍ଗ କୁ ଉଠାଇ ଭାବବିହ୍ୱଳ ହୋଇ ପଡିଥିଲେ। ଗରିବ ଲୋକ, ସାଧାରଣ ମଣିଷ ଓ ନିର୍ଦ୍ଦୋଷ ମଣିଷ କିଛି ବେଲ୍ ପାଇଲା ପରେବି ବିଭିନ୍ନ ଆଇନଗତ ପ୍ରତିବନ୍ଧକ ପାଇଁ ଜେଲର ଚାରିକାନ୍ଥ ଭିତରେ ସଢୁଥିବା ପ୍ରସଙ୍ଗ ଉଠାଇ ସେମାନଙ୍କୁ ସହାୟତା ନିମନ୍ତେ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସୁପ୍ରିମ୍‌କୋର୍ଟ ମଧ୍ୟ ତୁରନ୍ତ ପଦକ୍ଷେପ ସ୍ୱରୂପ ଦେଶର ସମସ୍ତ ଜେଲ୍ କୁ ଏହାର ତଥ୍ୟ ମାଗିବା ସହିତ ତ୍ୱରିତ ପଦକ୍ଷେପ ନେଇଥିଲେ। ଆଇନର ଗଳିଆ ବାଟରେ କେତେବେଳେ ଦୋଷୀ ଖସିଯାଉଥିବାବେଳେ ଅନ୍ୟ କେତେବେଳେ ବିନା ଦୋଷରେ ନିର୍ଦ୍ଦୋଷ ଲୋକ ଦଣ୍ଡ ପାଇ ଜେଲ୍‌ର ଚାରି କାନ୍ଥ ମଧ୍ୟରେ ସଢୁଛନ୍ତି।

ବିଚାର ପ୍ରକ୍ରିୟା ତ୍ୱରିତ ହେବା ସହିତ ନିର୍ଦ୍ଦୋଷ ଲୋକ ଉଚିତ୍ ସମୟରେ ନ୍ୟାୟ ପାଇବା ଏକାନ୍ତ ବାଞ୍ଛନୀୟ। ରାଜ୍ୟର ଅନ୍ୟ ସବୁ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟି ଉନ୍ନତି ହେଉ ପଛକେ ଅପରାଧର ମାତ୍ରା କମିଯାଉ, ତାହା ହେଲେ ଜେଲ୍‌ର କ୍ଷମତା ଠାରୁ କମ୍ ସଂଖ୍ୟକ କଏଦି ସେଠାରେ ରହିବେ। ଯଦି ଅପରାଧର ମାତ୍ରା କମିଯିବ ତେବେ ଜେଲ୍ ବା କାରାଗାର ର କଳେବର ବୃଦ୍ଧି ହେବା ଯେ ଅନାବଶ୍ୟକ ସେକଥା ଆଉ ବୁଝାଇ କହିବାର ଆବଶ୍ୟକତା ନାହିଁ। ଆମ ଓଡ଼ିଶାରେ ଅପରାଧ କମିବା ସହ ଏବଂ ଜେଲ୍ ଫୁଲ୍ ନରହି ଫାଙ୍କା ରହୁ ଏହାହିଁ ଆମର ପ୍ରାର୍ଥନା।

## ଶୁଭେଚ୍ଛା ବାର୍ତ୍ତା



सत्यमेव जयते



I am happy to know that a Social organization "Voice of Victims" has come up at EB-24, Stage-V, Laxmi Sagar Britt Colony near Jharpada Durga Mandap, Bhubaneswar in the recent past. The organization has aimed at serving the citizens across the spectrum of the society with a built-in support system. The organization has also planned to carry out their new mission with publication of a Multilingual Weekly Newspaper and News Web portal. I wish bright future for the organization and extend my best wishes for publication of Weekly Newspaper and News Web portal.

**Aparajita Sarangi**
Member of Parliament
(Lok Sabha)

# ଗନ୍ଧ ଛୁଇଁଲା ଲିଙ୍ଗରାଜ ମନ୍ଦିର




- ଆଗରୁ ଭୁବନେଶ୍ୱରବାସୀ ଶୁଙ୍ଘୁଥିଲେ, ଏବେ ପର୍ଯ୍ୟଟକ ଶୁଙ୍ଘିଲେଣି
- ବି.ଏମ.ସି.ର ଅବାନ୍ତର ପରାମର୍ଶ - ଗଛ ଲଗାଅ

ମନ୍ଦିରମାଳିନୀ ସହର ତଥା ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ଗଦା ହେଉଥିବା ଅଳିଆ ଯୋଗୁ ଜନଜୀବନ ଦିନକୁଦିନ ଅତ୍ୟନ୍ତ ଦୟନୀୟ ହେବାରେ ଲାଗିଛି। କେବେ ହକି ବିଶ୍ୱକପ୍ ପାଇଁ ରାଜଧାନୀ ଚକାଚକ୍ ହେଇଯାଉଛି ତ କେବେ ମାନ୍ୟବର ପ୍ରଧାନମନ୍ତ୍ରୀ କିମ୍ୱା ମହାମହିମ ରାଷ୍ଟ୍ରମୁଖ୍ୟ ପାଇଁ ଗସ୍ତ ପାଇଁ ଭୁବନେଶ୍ୱର ରଙ୍ଗାରଙ୍ଗ୍ ହେଇଯାଉଛି। କେବେ ସୌନ୍ଦର୍ଯ୍ୟକରଣ ପାଇଁ ଭଙ୍ଗାରୁଜା ହୋଇ ପୁନଃନିର୍ମାଣ ସହ ଭୁବନେଶ୍ୱର ସହର ଝଲସୁଛି। ଏସବୁ ବ୍ୟତିରକେ ବିପର୍ଯ୍ୟସ୍ତ ବର୍ଯ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ପାଇଁଏକ ମୁଣ୍ଡବିନ୍ଧା କାରଣ ପାଲଟିଛି।

ସୈନିକ ସ୍କୁଲ ନିକଟରେ ଅଳିଆଗଦାର ଗନ୍ଧ ଏବେ ସମସ୍ତଙ୍କର ନିଦ ହଜାଇବା ସହ ଦୈନନ୍ଦିନ ଜୀବନକୁ ହନ୍ତସନ୍ତ କରିଦେଲାଣି। ଅଳିଆଗଦାର ଦୁର୍ଗନ୍ଧ ସାରା ସହରକୁ ବ୍ୟାପି ଗଲାଣି। ଆଗରୁ ମଞ୍ଚେଶ୍ୱର ରେଳ କଲୋନୀ, ଭି.ଏସ.ଏସ ନଗର, ଗାଡ଼କଣା, ଶୈଳଶ୍ରୀବିହାର, ନୀଳାଦ୍ରିବିହାର, ବାଣୀବିହାର ଭିତରେ ସୀମିତ ଥିବା ପୋଚା ଅଳିଆର ଦୁର୍ଗନ୍ଧ ଏବେ ଧୀରେଧୀରେ ସେ ଅଞ୍ଚଳ ଡେଇଁ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ପାଖରେ ପହଞ୍ଚି ସାରିଲାଣି। ସୁଲୁସୁଲିଆ ଥଣ୍ଡା ପବନ ସାଙ୍ଗକୁ ପୂତିଗନ୍ଧମୟ ଦୁର୍ଗନ୍ଧରେ ଏବେ ଫାଟି ପଡୁଛି ପୁରୁଣା ଭୁବନେଶ୍ୱର ଅଞ୍ଚଳ। ସକାଳ ଓ ସନ୍ଧ୍ୟା ସମୟରେ ଅନୁଭୂତ ହେଉଛି ଅସହଣୀୟ ଦୁର୍ଗନ୍ଧ। ଲିଙ୍ଗରାଜଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ସକାଳେ ପ୍ରାତଃଭ୍ରମଣ ଓ ସଂଧ୍ୟାରେ ସାନ୍ଧ୍ୟଭ୍ରମଣ କରୁଥିବା ଲୋକମାନେ ମାସ୍କ୍ ପିନ୍ଧି ଭ୍ରମଣ କରିବାକୁ ଏକରକମ ବାଧ ହେଉଛନ୍ତି। ଲିଙ୍ଗରାଜଙ୍କ ଦର୍ଶନ ପାଇଁ ରାଜ୍ୟ ବାହାରୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଦୁର୍ଗନ୍ଧ ସମ୍ଭାଳି ନ ପାରି ମୁହଁ-ନାକକୁ ରୁମାଲରେ ଢାଙ୍କି ପ୍ରଭୁଙ୍କ ଦର୍ଶନ ନିମନ୍ତେ ଯାଉଛନ୍ତି। ସ୍ଥାନୀୟ ସାମନ୍ତାରପୁର, ଗ୍ୟାରେଜ ଛକ, ଗୌରୀନଗର ଅଞ୍ଚଳ ବାସୀମାନେ କବାଟ ଝରକା ବନ୍ଦକରି ଘରେ ରହିବାକୁ ଉଚିତ ମଣୁଛନ୍ତି। ବି.ଏମ୍.ସି ମେୟର ଓ କମିଶନରଙ୍କ ଆଶ୍ୱାସନା ଆଉ କିଛି କାମ ଦେଉନାହିଁ। ଦୁଇ ମାସ ତଳେ ଯେଉଁ ଭଳି ଦୁର୍ଗନ୍ଧମୟ ପରିବେଶ ଥିଲା ଏବେ ମଧ୍ୟ ସେଇ ସମାନ ଅବସ୍ଥା ରହିଛି। ନିକଟରେ ବର୍ଷା ସାଙ୍ଗକୁ କାକର ପଡ଼ି ଦୁର୍ଗନ୍ଧ ଦୁଇଗୁଣ ହେଲାଣି।

କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଯଦି ଆଲୋଚନା କରାଯାଏ ତେବେ ଏହାକୁ ପ୍ରଶାସନିକ ଅବ୍ୟବସ୍ଥା କିମ୍ୱା ଅବହେଳା ବୋଲି କୁହାଯାଇପାରେ। ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ଜନବସତି ମଧ୍ୟରେ ଅଳିଆ ଆବର୍ଜନା ଗଚ୍ଛିତ କରି ରଖିବାକୁ ମନା କରିଥିବାର ନିର୍ଦ୍ଦେଶ କୁ ରାଜ୍ୟ ସରକାର ଓ ପ୍ରଶାସନ ଅଣଦେଖା କରୁଥିବାର ଏହା କୁପରିଣାମ।

ଭୁବନେଶ୍ୱରର ସୈନିକ ସ୍କୁଲ ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ପାଠପଢ଼ା ସହିତ ସ୍ୱତନ୍ତ୍ର ଭାବରେ ଦେଶ ସୁରକ୍ଷାର ପାଠ ପଢୁଥିବା ବିଦ୍ୟାର୍ଥୀମାନେ ରୁହନ୍ତି। ଏହିଭଳି ଗୁରୁତ୍ୱ ବହନ କରୁଥିବା ଓ ନିରାପତ୍ତାର ପାଠ ପଢ଼ାଯାଉଥିବା ଅନୁଷ୍ଠାନର ପାଚେରୀକୁ ଲାଗି ତା'ଠାରୁ ଅଧିକ ଉଚ୍ଚତାରେ ଅଳିଆ ଗଦା କରିବା କେତେ ଯୁକ୍ତିଯୁକ୍ତ ଏବଂ ତାହା ସେହି ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଜୀବନ ପ୍ରତି କେତେ ବିପଦ ତାହା ଏବେ ବୁଦ୍ଧିଜୀବୀ ମାନେ ପ୍ରଶ୍ନ କଲେଣି। ରାଜନୈତିକ ଦଳମାନେ ଏହାର ଫାଇଦା ନେଇ କିଏ ସତ୍ୟାଗ୍ରହ ଚଳାଇଛନ୍ତି ତ କିଏ ଆନ୍ଦୋଳନ କରି ରାଜ୍ୟବାସୀଙ୍କ ମନ ଜିଣିବାକୁ ଏକ ସୁଯୋଗ ବୋଲି ଭାବି ନିଜର ଚେଷ୍ଟା ଜାରି ରଖିଛନ୍ତି। ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ମ୍ୟୁନିସପାଲିଟିର ବଡ଼ବାବୁମାନେ ଯାଇ ପରାମର୍ଶ ଦେଉଛନ୍ତି ଯେ ପ୍ରଚୁର ପରିମାଣରେ ଗଛ ଲଗାଇଲେ ଦୁର୍ଗନ୍ଧରୁ ମୁକ୍ତି ମିଳିବ। ଗଛ ଲଗାଇଲେ ପରିବେଶ ଭଲ ରୁହେ, ବାୟୁମଣ୍ଡଳ ଦୂଷିତ ହୁଏନାହିଁ, ଅଙ୍ଗାରକ୍ଳାମ ନିର୍ଗତ ଓ ଅମ୍ଳଜାନ ଗ୍ରହଣ ସୁବିଧାରେ ହୋଇପାରେ। ଗଛ ଲଗାଇବା ଦ୍ୱାରା ବହୁତ ଉପକାର ମିଳେ ଏହା ନିଃସନ୍ଦେହ, କିନ୍ତୁ ଗଛ ଲଗାଇଲେ ଦୁର୍ଗନ୍ଧ କମିବ ଏହା କେଉଁ ଶ୍ରେଣୀର ପାଠରେ ଅଛି ତାହା ଏବେ ବୁଦ୍ଧିଜୀବୀ ମାନେ ପ୍ରଶ୍ନ କଲେଣି।

ବିଏମସି ଏବେ ଅଳିଆ ଗଦା ପାହାଡ଼ର ଉଚ୍ଚତାକୁ କମ ଦେଖାଇବା ନିମନ୍ତେ ସେଇ ଅଳିଆ ଗଦାସବୁକୁ ସମାନ କରି ସେହିଠାରେ ସେଥିରେ କେତେ ପ୍ରକାରର କେମିକାଲ ଛିଞ୍ଚିବାରେ ବ୍ୟସ୍ତ। ତଥାପି ଦୁର୍ଗନ୍ଧ ରୁ ନିସ୍ତାର ମିଳୁନାହିଁ। ସେହି ନିକଟରେ ଥିବା କିଛି ବଡବଡ ଡାକ୍ତରଖାନା କୁ ରାଜ୍ୟର ବିଭନ୍ନ କୋଣ ଅନୁକୋଣରୁ ରୋଗୀମାନେ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଏବେ ସେମାନେ ମଧ୍ୟ ଅଭିଯୋଗ କଲେଣି ଆମେ ଏଠାରେ ନିଜର ରୋଗ ଭଲ କରିବୁ କ'ଣ ବରଂ ଏଠାକୁ ଆସି ଶ୍ୱାସ ରୋଗ ସହିତ ଚର୍ମ ରୋଗ ଓ ମାରାତ୍ମକ କ୍ୟାନସର୍ ବେମାରିକୁ ସାଙ୍ଗରେ ଧରି ଯିବୁ। ଡାକ୍ତରମାନଙ୍କର ବି ସମାନ ମତ, ଅସୁସ୍ଥ ପରିବେଶ, ବାୟୁ ପ୍ରଦୂଷଣ, ହିଁ ଅନେକ ରୋଗ ର କାରଣ। ବିଜେପି ଆଉ କଂଗ୍ରେସର ଅଭିଯୋଗ ରାଜଧାନିରେ ବି.ଏମ.ସି ସ୍ଥାଣୁ ପାଲଟିଗଲାଣି। ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ସ୍ମାର୍ଟସିଟିବାସୀଙ୍କ ଜୀବନ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେ ପର୍ଯ୍ୟନ୍ତ ଅଳିଆ ଗଦା ଏଠାରୁ ନହଟିଛି ସେ ପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ। ଏ ଦିଗରେ ବି.ଏମ.ସି ପ୍ରଶାସନ ଯତ୍ନବାନ ନହେଲେ ରାଜଧାନୀବାସୀଙ୍କ ଦୁର୍ଦ୍ଦଶା ବଢ଼ିବ ସିନା କମିବ ନାହିଁ।

**ଜ୍ଞାନ ରଂଜନ ମିଶ୍ର**
*ସମ୍ପାଦକ, ଭଏସ୍ ଅଫ୍ ଭିକ୍ଟିମ୍ସ*

# ଦରପୋଡ଼ା ଅବଶେଷର ଉପେକ୍ଷା କାହିଁକି ?

ଶ୍ରୀ ଜଗନ୍ନାଥ ଧାମ, ଶ୍ରୀ କ୍ଷେତ୍ର ପୁରୀ ସ୍ଥିତ ସ୍ୱର୍ଗଦ୍ୱାରରେ ପ୍ରତ୍ୟେକ ହିନ୍ଦୁ ଜୀବନ ପରବର୍ତ୍ତୀ ମୋକ୍ଷ ପ୍ରାପ୍ତିର ଆଶା ଓ ବିଶ୍ୱାସରେ ନିଜର ତଥା ଜ୍ଞାତି ପରିବାର ପରିଜନର ମର ଶରୀରକୁ ଦାହ ସତ୍ସ୍କାର କରିବା, କରାଇବାରେ ବିଶେଷ ଆକାଂକ୍ଷା ରଖିଥାନ୍ତି। ପ୍ରତିଦିନ ଏଥିପାଇଁ କେବଳ ଆମ ରାଜ୍ୟ ଓଡ଼ିଶାର କୋଣ ଅନୁକୋଣ ନୁହେଁ, ରାଜ୍ୟ ବାହାରୁ ମଧ୍ୟ ବହୁ ହିନ୍ଦୁ ଶବ ସତ୍କାର କରିବା ପାଇଁ ଶବ ବାହକ ଗାଡ଼ି ଭଡାକରି ମର ଶରୀର ନେଇ ପୁରୀ ସ୍ୱର୍ଗଦ୍ୱାରକୁ ଆସି ଭିଡ଼ ଜମାଇଥାନ୍ତି।

ପାଖ ହେଉ ଅବା ଦୂର, ଶୋକାକୁଳ ପରିବାର ପରିଜନ ଆଣିଥିବା ମର ଶରୀରକୁ ଦାହ ସତ୍ସ୍କାର କରିବାକୁ ଅବଶ୍ୟ ଅସୀମ ବ୍ୟଗ୍ରତା ଦେଖାଇଥାନ୍ତି। ସେମାନଙ୍କର ଅନେକ ପାଖ ଲୋକ/ ସହଯୋଗୀ ନିଜକୁ ବାସ୍ତବବାଦୀ ତଥା ଦୃଢ଼ ମନା ବୋଲି ସାବିତ କରିବାକୁ ଯାଇ ପରିସ୍ଥିତିର ତାଡ଼ନାରେ ଅସହାୟ ହୋଇଯାଇଥିବା ଶୋକାକୁଳ ବ୍ୟକ୍ତି/ ସମୂହଙ୍କୁ ଏକ ପ୍ରକାର ଯାନ୍ତ୍ରିକ ଜୀବନରେ ଛନ୍ଦି ଦେବାକୁ ଭୁଲି ନଥାନ୍ତି। ସେମାନଙ୍କ ଉପରେ ଚାପ ସୃଷ୍ଟି କରାଇ ଆବଶ୍ୟକ ପଦକ୍ଷେପ ନେବାକୁ ଶବ ସତ୍କାର ନିମନ୍ତେ ତଡ଼ିତ ବେଗରେ ପରକୁ ପର ନିର୍ଦ୍ଦେଶନା ଦେବାକୁ ଲାଗିଯାଇଥାନ୍ତି। ଏଭଳି ଉପସ୍ଥିତିରେ ଯେନତେନ ପ୍ରକାରେ ଉପସ୍ଥିତ ବ୍ରାହ୍ମଣଙ୍କୁ ଦରାଣ୍ଡି ନେଇ ଯତ୍ ପରୋନାସ୍ତି ଶୀଘ୍ରାତିଶୀଘ୍ର ପଥ ଶ୍ରାଦ୍ଧ ଆଦି କ୍ରିୟାକର୍ମରେ ତତ୍ପରତା ରଖାଇ ଆଗକୁ କାମ ବଢ଼ାଇବାକୁ ବ୍ୟାକୁଳତା ଦେଖାଇବାରେ ବ୍ୟସ୍ତ ଥାନ୍ତି। ପାଖ ଲୋକଙ୍କ ସହାୟତାରେ ଶୋକାକୁଳ ମୁଖ୍ୟ ଲୋକଟି ଆଖି ଲୁହ ପିଇ ଆକୁଳିତ ହୋଇ ହୁତୁହୁତୁ ଏକାଧିକ ଜଳୁଥିବା ଜୁଇ ମଧ୍ୟସ୍ଥ ସ୍ୱର୍ଗ ଦ୍ୱାର ଭୂଇଁରେ ଖାଲି ଜାଗା ଖଣ୍ଡିଏ ଅଣ୍ଡାଳିବାକୁ ଫୁରୁସତ ମଧ୍ୟ ପାଇନଥାଏ। ପାଖ ଲୋକଙ୍କ ସହାୟତାରେ ସେ ଜୁଇ ସଜାଡି ମୁଖାଗ୍ନି ପ୍ରଦାନ ପାଇଁ ଭାବ ବିହ୍ୱଳିତ ବ୍ୟଗ୍ରତା ଦେଖାଇଥାଏ। ଏହି ଅବସରରେ



**ପ୍ରଦୋଷ କୁମାର ଦାସ**

ଜୁଇରେ କିପରି ଶୀଘ୍ର ଅଗ୍ନି ସଂଯୋଗ ହେବ ବୋଲି ଯେତିକି ଯେତିକି ପଥ ଶ୍ରାଦ୍ଧ ଆଦି କ୍ରିୟାକର୍ମର ଆୟୋଜନର ତତ୍ପରତା ଚାଲିଥାଏ, ସେତିକି ସେତିକି ସ୍ୱର୍ଗଦ୍ୱାର କାର୍ଯ୍ୟ ସାରି ଗୃହାଭିମୁଖୀ ହେବାକୁ ତତ୍ପର ଲୋକେ ମର ଶରୀରକୁ ମୁଖାଗ୍ନି ପ୍ରଦାନ କରାଇବା ପାଇଁ କାର୍ଯ୍ୟକୁ ଆଗକୁ ବଢ଼ାଇଥାନ୍ତି। ସ୍ୱର୍ଗଦ୍ୱାରରେ ଜଳୁଥିବା ଜୁଇରେ କାଠକୁ ପବନ ମୁହଁରେ ରଖାଇ ମର ଶରୀରକୁ ସେଥିରେ ଆଉଜାଇ ଦେଇ ଉପରେ ଅଳ୍ପ କିଛି କାଠ ଓ ଝାଉଁ ଝାଟିରୁ ଶିରିଶିରି ପବନରେ ଅଗ୍ନିଶିଖା ଉଠିଥାଏ। ଅଧା ଫୁଙ୍ଗୁଳା ସାରା ଶରୀରକୁ ଜୁଇ ନିଆଁ ଦଗ୍ଧିଭୂତ କରି ଚାଲିଥିବା ବେଳେ ବାକି ଅଧା ଶରୀରରେ କେତେବେଳେ ସେହି ନିଆଁ ଆସି ସଂଚରିଯିବ ବୋଲି ସତେଯେମିତି ନିରବୀ ପଡିଥାଏ। ସେତିକି ବେଳେ ପୁଣି ପଛକୁ ପଛ ବିଭିନ୍ନ ସ୍ଥାନରୁ ସ୍ୱର୍ଗଦ୍ୱାର ମୁଖୀ ହେଉଥିବା ଅନ୍ୟାନ୍ୟ ମର ଶରୀର ସଂସ୍କାର ପାଇଁ ଲେଲିହାନ ଜଳନ୍ତା ଜୁଇ ମଧ୍ୟରେ ସେହି ଏକା ପ୍ରକାର ମାଲଭାଇ, ଜ୍ଞାତି କୁଟୁମ୍ବ ନିର୍ବିକାର ଚିତ୍ତରେ ସ୍ଥାନ ନିରୂପଣରେ ତାତିଲା ସ୍ୱର୍ଗ ଦ୍ୱାର ଭୁଇଁ ଖେଦି ଚାଲିଥିବାର ବ୍ୟଗ୍ରତା ଦେଖିବାକୁ ମିଳିଥାଏ। ଏହି ସମୟରେ ଅଧା ଜଳା ପୂର୍ବ ଜୁଇକୁ କ୍ରମେ ହତାଦର ହେଉଥିବା ନିରେବ ବାରି ହୋଇଯାଏ। ଅବହେଳିତ ନିଜ ମର ଲୋକର ଜୁଇରୁ ଅସ୍ଥି ନେଇ ସ୍ୱସ୍ଥାନ ଫେରିଯିବାକୁ ବ୍ୟଗ୍ର ହେଉଥିବା ପରିଜନଙ୍କ ପରିସ୍ଥିତିର ଫାଇଦା ଉଠାଇବା ହେଉ ଅବା ସେମାନଙ୍କ ସମ୍ବେଦନଶୀଳତାର ଅଭାବରୁ ସୃଷ୍ଟ ଦାୟିତ୍ୱ ହୀନତା ହେଉ, 'ନିୟୋଜିତ ଶବ ଦାହକ' ଜଳୁଥିବା ଜୁଇରୁ ଦରପୋଡ଼ା ଅସ୍ଥି ଖଣ୍ଡେ ସଂଗ୍ରହ କରିଦିଏ। ଏଥି ସହିତ ସେ ପୂର୍ବ ଜୁଇର ବାକି ଦହନ କର୍ମ ସାରିଦେବ ବୋଲି ପ୍ରତିଶ୍ରୁତି ଦେଇଥାଏ। ସେ ବେପରୁଆ ଢଙ୍ଗରେ ହେଉ ଅବା ପରବର୍ତ୍ତୀ ତହୁଁ ତହୁଁ ଶବଦାହ ପାଇଁ ଆସୁଥିବା କର୍ମ ଚାପ ହେଉ, ପୂର୍ବ ଜୁଇଟିର ସମ୍ପୂର୍ଣ୍ଣ ଦେହାବଶେଷ ଜଳି ନିଶ୍ଚିହ୍ନ ହେବାରୁ ବଞ୍ଚିତ ରହିଯାଏ। ଏଭଳି ପରିସ୍ଥିତିରେ ପୂର୍ବ ଜୁଇର ନିଆଁ ଲିଭାଇ ନିୟୋଜିତ ଶବ ଦାହକଟି ହୁଏତ ପରବର୍ତ୍ତୀ ଆଉ କାହାର ଜୁଇ ସଜାଡୁନଥିବ କାହିଁକି ? ଏହାର ଆଶୁ ସମାଧାନ ପାଇଁ ଆମେ ଆମ ସ୍ୱର୍ଗତ ନିଜ ଲୋକଟିର ମରଶରୀରର ଜୁଇ ଜଳିବା ଶେଷ ହେବା ଯାଏଁ ରହିବା ନିହାତି ଜରୁରୀ। ହେଲେ ଶୋକାକୁଳ ମଣିଷଟି ଘରକୁ ଫେରି ମଲା ଘରର ପରବର୍ତ୍ତୀ କର୍ମ କର୍ମାଣି ଆରମ୍ଭ କରିବା ପାଇଁ ତିକ୍ତାର୍ତ୍ତ ପ୍ରସ୍ତୁତି ଚିନ୍ତାରେ ରହିଥାଏ। ଅସ୍ଥି ନେଇ ସେଇ ସ୍ୱର୍ଗଦ୍ୱାରରେ ଆପଣା ସ୍ୱର୍ଗତ ଲୋକଟିର ଅବର୍ତ୍ତମାନକୁ ଛାଡି ଦେଇ ଘରକୁ ଫେରିପଡି ଥାଏ। ଯେଯାହାର ପରିବାର ଜ୍ଞାତି କୁଟୁମ୍ବ ମଧ୍ୟ ଘରକୁ ନିଶ୍ଚିନ୍ତରେ ଫେରିଯାଇଥାନ୍ତି।

ହେଲେ ଏତିକି ରେ ଯଦି କଥାଟି ସୁରୁଖୁରୁରେ ସରିଯାଉ ଥାଆନ୍ତା, ତେବେ ଜଳୁଥିବା ଜୁଇର ନିଆଁ ଲିଭିବା ପୂର୍ବରୁ ଦରଲିଭା ରହିଯାଉନଥାନ୍ତା। ସେଥିରୁ ଦରପୋଡା ମର ଶରୀରର ଅବଶେଷ ଏଠି ସେଠି ବିକ୍ଷିପ୍ତ ପଡ଼ିବା, ତାକୁ ଶ୍ୱାନ ଶୃଗାଳ ଟାଣି ଭିଡି ଖାଇବା ଖବର ଲୋକ ଲୋଚନକୁ ଆସୁଥାନ୍ତା। ଏହାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମରେ ଫଟୋ ସହ ଖବର ପ୍ରସାରଣ ମଧ୍ୟ ହେଉନଥାନ୍ତା। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆମକୁ ଆବଶ୍ୟକ କର୍ତ୍ତବ୍ୟ କର୍ମ ନିର୍ଦ୍ଧାରଣ କରିବାକୁ ହେବ। ମାନସିକ ଶାନ୍ତି ଓ ଆଧାତ୍ମିକତାର ବଶବର୍ତ୍ତୀ ହୋଇ ଦୂରଦୂରାନ୍ତର ରୁ ଆସି କେବଳ ସ୍ୱର୍ଗ ଦ୍ୱାରରେ ଶବ ସତ୍କାର କରିଦେଲେ କଥା ସରେ ନାହିଁ। ମାଟିର ଘଟ ନିଶ୍ଚୟ ମାଟି ରେ ମିଶିବ। ଏଥିରେ ଦ୍ୱିମତ ନାହିଁ। ହେଲେ ଜୁଇରେ ଶୁଆଇ ସତ୍କାର ଉଦ୍ଦେଶ୍ୟରେ ସ୍ୱର୍ଗତ ପ୍ରିୟ ଲୋକଟିର ମରଶରୀରଟିର ଯଥାରୀତି ଦାହ ସଂସ୍କାର କରାଇ ଜୁଇ ଲିଭିବା ଯାଏଁ ଅପେକ୍ଷା କରିବାରେ କ୍ଷତି କ'ଣ ? ଏତିକି ଯଦି ହୋଇପାରନ୍ତା, ତେବେ କେବଳ ପୁରୀ ସ୍ୱର୍ଗ ଦ୍ୱାର କାହିଁକି, ଅନେକ ସ୍ଥଳ ବିଶେଷରେ, ଅନେକ ସ୍ଥାନରେ, ଗାଁ ମଶାଣୀ ଭୁଇଁ ର ଜଳୁଥିବା ଜୁଇକୁ ଶେଷ ପର୍ଯ୍ୟାୟରେ ଛାଡି ଅନେକ ପଳାଇ ଆସନ୍ତି। ଏହି ପରିସ୍ଥିତିରେ ସେହି ଜୁଇର ନିଆଁ ଆବଶ୍ୟକ ଦହନ ଓ ଖୁଞ୍ଚମରା ଅଭାବରୁ ନିଆଁ ଲିଭି ଯାଇ ଜଳୁଥିବା ଦେହାବଶେଷ ଅଧାଜଳା ରହିଯାଇଥାଏ। ଏହାକୁ ଆବଶ୍ୟକ ଧ୍ୟାନ ଦେଇ ଜୁଇ ଲିଭିବା ଯାଏଁ ଅପେକ୍ଷା କଲେ ଦରପୋଡା ଦେହାବଶେଷ ପରିତ୍ୟକ୍ତ ରୁହନ୍ତା ନାହିଁ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ।

ଆମ ସଭିଁଙ୍କୁ ଆମର ଅବଚେତନାରେ ସେହି ଦରପୋଡା ଦେହାବଶେଷର ଅବସୋସ ଚେତେଇ ଦେଉଥିବା ଶୁଣିବାକୁ ହେବ। ସେହି ଅବସୋସ କହୁଛି ଯେ, 'ଜୀବନ ଥିଲାବେଳେ ମୋର ସେଇ ସ୍ଥୁଳ ଶରୀରକୁ କେତେ ସମ୍ପର୍କୀତ ଥିଲୁ, ଆଦର ସ୍ନେହ ଶ୍ରଦ୍ଧା କରି ଆସୁଥିଲୁ, ଏବେ ତା'ର ଅବର୍ତ୍ତମାନରେ, ତାର ଅଧାପନ୍ତରିଆ ଶବ ସତ୍କାର ଅବସରରେ ସେହି ମୋର ପରିତ୍ୟକ୍ତ ଦରପୋଡ଼ା ଶରୀରାଂଶକୁ ଶ୍ୱାନଶୃଗାଳ କାଉ ଶାଗୁଣା ଟାଣି ଭିଡୁଥିବା ବେଳେ ତାକୁ ତୁ ଦେଖି ସହିପାରୁଛୁ କେମିତି ? ଏଇ ସ୍ଥୁଳ ଶରୀରର ମୃତ୍ୟୁ ଘଟିବା ପରେ ମୁଁ ପରା ତା'ର ଏକ ଆତ୍ମା ! ଆତ୍ମାରୂପକ ସେହି ସୂକ୍ଷ୍ମ ଶରୀରରେ ମୁଁ ତୋ ଚାରିପଟେ ଏବେ ଘୁରି ବୁଲୁଛି ! ଅନୁଭବ କଲେ ଜାଣିପାରିବୁ। ଏହି ପରିପ୍ରେକ୍ଷୀରେ, ମାନବୀୟ କର୍ତ୍ତବ୍ୟ ସମ୍ପାଦନା ଅବସରରେ ପୋଡ଼ ପୋତ ଆଦି ଆବଶ୍ୟକ ସଂସ୍କାରରେ ଆମ ସ୍ୱର୍ଗତ ଲୋକଟିର ମର ଶରୀରର ଉଚିତ୍ ସମ୍ମାନ ପୂର୍ବକ ଶବ ସତ୍କାରେ ଆବଶ୍ୟକ କର୍ତ୍ତବ୍ୟକର୍ମ ନିର୍ବାହ ସହ ସମ୍ବେଦନଶୀଳ ହେବା ନିହାତି ଜରୁରୀ ଅଟେ।

*ସ୍ତମ୍ଭକାର, ସା/ପୋ:- ନାଚୁଣୀ, ଜିଲ୍ଲା:- ଖୋର୍ଦ୍ଧା, ପିନ୍:-୭୫୨୦୩୪*



# ରାଜଧାନୀ ବିଦ୍ୟାଳୟରେ ବିକଳ ଚିତ୍ର: ମିଳୁନି ସୁବିଧା

ଭୁବନେଶ୍ୱର(ଭିଓଭି): କୋଠାଗୁଡ଼ିକରେ ରଙ୍ଗ ବୋଳା ଯାଇଛି। ପିଲାଙ୍କ ଖେଳିବା ପାଇଁ ବ୍ୟବସ୍ଥା ହୋଇଛି। ସ୍ମାର୍ଟ କ୍ଲାସରୁମ୍ ସାଙ୍ଗକୁ ନୂଆ ଡେସ୍କ ବେଞ୍ଚ ପଡ଼ିଛି। ଭିତ୍ତିଭୂମି ବିକାଶକୁ ଦେଖିଲେ ଘରୋଇ ବିଦ୍ୟାଳୟଠାରୁ କେ ?ଣସି ଗୁଣରେ କମ୍ ନ ଥିବା ଜଣାପଡୁଛି। ଧାଡ଼ିକରେ କହିଲେ, ସ୍କୁଲ ଚକାଚକ୍। ମାତ୍ର କ୍ୟାମ୍ପସ ଭିତର ଠିକ୍ ଓଲଟା। ଡିଜିଟାଲ ଦୁନିଆ ସହ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବାକୁ ରାଜ୍ୟ ସରକାରଙ୍କ ସ୍ଲୋଗାନ୍‌କୁ ମୋଡ଼ିମକଚି ଦେବା ଲାଗି କିଛି ଅଧିକାରୀ ଯେମିତି ପଣ କରିଛନ୍ତି। ଭୁବନେଶ୍ୱରର କିଛି ବିଦ୍ୟାଳୟକୁ ନେଇ ଏବେ ଏମିତି ଚର୍ଚ୍ଚା।

ରାଜ୍ୟ ସରକାରଙ୍କ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରରେ ସାମିଲ ହୋଇଥିଲା ଗଣ୍ଡମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଭର୍ସିଟି ଉଚ୍ଚ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ମେମୋରିଆଲ ଉଚ୍ଚ ବିଦ୍ୟାଳୟ, ସରକାରୀ ହାଇସ୍କୁଲ ଡୁମୁଡୁମା, ସରକାରୀ ହାଇସ୍କୁଲ ପଳାସୁଣି। ସେସବୁରେ ଡିଜିଟାଲ ଶିକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ସ୍ମାର୍ଟ କ୍ଲାସରୁମ୍ ସହ କମ୍ପ୍ୟୁଟର ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ ହୋଇଛି। ହେଲେ ବାସ୍ତବତା ହେଲା କମ୍ପ୍ୟୁଟର ନାହିଁ। ୮ ମାସ ହେଲା ରୁମ୍‌ଗୁଡ଼ିକ ତାଲା ପଡ଼ି ବନ୍ଦ ରହିଛି। ସମସ୍ତେ ଯେମିତି ଭୁଲିଯାଇଛନ୍ତି। ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ କମ୍ପ୍ୟୁଟର ଯୋଗାଇ ଦେଇନି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଅସନ୍ତୁଷ୍ଟ। କିଛି ବିଦ୍ୟାଳୟରେ କମ୍ପ୍ୟୁଟର ରୁମ୍‌କୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଯଦି ରାଜ୍ୟ ଶାସନ ଚାଲୁଥିବା ଖୋଦ୍ ଭୁବନେଶ୍ୱରରେ ସ୍ଥିତି ଏମିତି, କର୍ତ୍ତୃପକ୍ଷ ଏତେ ବେପରୁଆ, ତେବେ ଅନ୍ୟ ଜିଲ୍ଲା ସ୍ଥିତି କିଭଳି ହୋଇଥିବ, ତାହା ଅନୁସନ୍ଧାନ ସାପେକ୍ଷ। ଗତ ମେ’ ୫ତାରିଖରେ ଯେଉଁ ୩୦୦ ବିଦ୍ୟାଳୟର ରୂପାନ୍ତର ହୋଇଥିଲା, ସେଥିରେ ଖୋର୍ଦ୍ଧା ଜିଲ୍ଲାର ୬୨ଟି ବିଦ୍ୟାଳୟ ରହିଥିଲା। ଏ ମଧ୍ୟରେ ରହିଥିଲା ଭୁବନେଶ୍ୱର ମହାନଗର ନିଗମରେ ୨୭ଟି ଓ ଭୁବନେଶ୍ୱର ବ୍ଲକର ୪ଟି ବିଦ୍ୟାଳୟ। ଏବେ ରୂପାନ୍ତର ପରେ ବିଦ୍ୟାଳୟର ଚେହେରା ସିନା ବଦଳିଛି, କିନ୍ତୁ ଆଉ ଯାହା ଯେମିତି ଥିଲା ପ୍ରାୟ ସେମିତି ରହିଛି। କେବଳ କମ୍ପ୍ୟୁଟର ସମସ୍ୟା ନୁହେଁ, ଅଧିକାଂଶ ବିଦ୍ୟାଳୟରେ ଏଯାଏଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। କେଉଁଠି ଓଡ଼ିଆ ବିଷୟର ଶିକ୍ଷକ ବିଜ୍ଞାନ ପଢ଼ାଉଛନ୍ତି ତ ଆଉ କେଉଁଠି ଗଣିତ ଶିକ୍ଷକ ହିନ୍ଦୀ ପଢ଼ାଉଥିବା ଦେଖିବାକୁ ମିଳିଛି। ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ବିଦ୍ୟାଳୟ ରୂପାନ୍ତର ପରେ ଜିଲ୍ଲା ପ୍ରଶାସନକୁ କମ୍ପ୍ୟୁଟର ଲଗାଇବାକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ମଧ୍ୟରେ ଟଣାଓଟରା ଯୋଗୁଁ ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ଲଗାଇବା ବିଳମ୍ବ ହେଉଛି। ଅଭିଭାବକଙ୍କ ସହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏନେଇ ଅଭିଯୋଗ କରିବା ପରେ ଉଭୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ତା’ସତ୍ତ୍ୱେ ସେମାନେ କାହିଁକି ପଦକ୍ଷେପ ନେଉନାହାନ୍ତି ଜଣାପଡୁ ନାହିଁ। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି।

# ବଢୁଛି ପିଆଜ ଉତ୍ପାଦନ, ଖାଉଟି ହନ୍ତସନ୍ତ



ଭୁବନେଶ୍ୱର (ଭିଓଭି)- ରାଜ୍ୟରେ ପିଆଜ ଉତ୍ପାଦନ ବଢୁଛି। ହେଲେ ପ୍ରତ୍ୟେକ ବର୍ଷ ଦର ବୃଦ୍ଧିରେ ଘାଣ୍ଟି ହେଉଛନ୍ତି ଖାଉଟି। ଅନ୍ୟ ବର୍ଷଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ମାସାଧିକ କାଳ ହେବ ରାଜ୍ୟରେ ପିଆଜ କିଲୋ ପିଛା ଦର ୬୦ ଟଙ୍କା ରହିଛି। ବିଡ଼ମ୍ବନା ଯେ ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଖାଉଟି ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ପିଆଜ ସଂରକ୍ଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପିଆଜ ବଳକା ରାଜ୍ୟ ନିଅଣ୍ଟିଆ କଷଣରେ କଷି ହେଉଛି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପିଆଜ ଉତ୍ପାଦନ ହେଉଛି। ଜାତୀୟ ନମୁନା ସର୍ବେକ୍ଷଣ(ଏନ୍‌ଏସ୍‌ଏସ୍) ଏବଂ ୨୦୨୧ ପ୍ରସ୍ତାବିତ ଜନସଂଖ୍ୟା ଆଧାରରେ ଓଡ଼ିଶାରେ ବାର୍ଷିକ ପ୍ରାୟତଃ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ୨୦୨୨-୨୩ରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି। ସାଇତି ରଖିବାକୁ ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଅନ୍ୟ ରାଜ୍ୟକୁ ଚାଲିଯାଉଛି। ତିରୋଟ ସମୟରେ ରାଜ୍ୟର ଚାହିଦା ପୂରଣ ହୋଇପାରୁ ନାହିଁ। ଜାତୀୟ ସଂସ୍ଥା ସେଣ୍ଟର ଫର୍ କୋଲ୍ଡ ଚେନ୍ ଡେଭଲପ୍‌ମେଣ୍ଟ (ଏନ୍‌ସିସିଡି) ଏବଂ ନାବାର୍ଡ ଦ୍ୱାରା ୨୦୧୫ରେ କରାଯାଇଥିବା ସର୍ଭେ ଅନୁଯାୟୀ, ରାଜ୍ୟରେ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ରାଜ୍ୟରେ ୭୩୨୧ ପିଆଜ ସାଇତା ଗୃହ ରହିଛି। ଏଥିରେ କେବଳ ୧ ଲକ୍ଷ ୮୩ ହଜାର ୨୫ ମେଟ୍ରିକ୍ ଟନ୍ ପିଆଜ ରଖାଯାଇ ପାରିବ । ଏହାଛଡ଼ା କଳାହାଣ୍ଡି, ବରଗଡ଼, ନୂଆପଡ଼ା, ଅନୁଗୋଳ ଓ ବୌଦ୍ଧ ଜିଲାରେ ୬ହଜାର ମେଟ୍ରିକ୍ ଟନ୍ ପିଆଜ ସାଇତା ଗୃହ ନିର୍ମାଣ ହେବାର ପ୍ରସ୍ତାବ ରହିଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଆଳୁ ଓ ପିଆଜ ଚାଷକୁ ପ୍ରୋତ୍ସାହନ ଦେବାକୁ ଆଳୁ, ପିଆଜ, ପନିପରିବା ଓ ମସଲା ଜାତୀୟ ଉନ୍ନୟନ ଯୋଜନାରେ ରାଜ୍ୟ ସରକାର ହେକ୍ଟର ପିଛା ୫୮ ହଜାର ଓ ପନିପରିବା ଚାଷ ପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା ସବ୍‌ସିଡି ଦେବା ବ୍ୟବସ୍ଥା କରିଛନ୍ତି । ଅନ୍ୟପକ୍ଷରେ ବଳକା ପିଆଜ ସାଇତି ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ବେଳେ ଆଳୁ ଚାଷ ବୃଦ୍ଧି ପାଇଁ କରାଯାଇଥିବା ଆଳୁ ମିଶନ ଫେଲ୍ ମାରିଛି । ରାଜ୍ୟ ପାଇଁ ବର୍ଷକୁ ୧୩.୨୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଦରକାର ଥିବାବେଳେ ୨୦୨୨-୨୩ରେ ମାତ୍ର ୩.୨୫ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଛି। ଆଳୁ ଦର ଉପରେ ଲଗାମ ଲଗାଇବା ତଥା ରାଜ୍ୟକୁ ସ୍ୱାବଲମ୍ବୀ ହେବାକୁ କୃଷି ବିଭାଗ ୨୦୧୫ରେ ଆଳୁ ମିଶନ ଆରମ୍ଭ କରିଥିଲା। ଏହାର ୮ ବର୍ଷ ପରେ ମଧ୍ୟ ଆବଶ୍ୟକତାର ୫ ଭାଗରୁ ଭାଗେ ଉତ୍ପାଦନ କରିବାରେ ଚାଷୀମାନେ ସକ୍ଷମ ହୋଇପାରିନାହାନ୍ତି। ଯୋଜନା ବିଫଳ ହେଉଥିବାରୁ ଏ ବାବଦ ବ୍ୟୟବରାଦ ମଧ୍ୟ ହ୍ରାସପାଇ ଚାଲିଛି। ଆଳୁ ମିଶନ ପାଇଁ ୨୦୧୪-୧୫ ଆର୍ଥିକବର୍ଷରେ ଏଥିପାଇଁ ୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏ ବାବଦରେ ମାତ୍ର ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ଆଳୁ, ପିଆଜ ନୁହେଁ ଅନ୍ୟାନ୍ୟ ଅଣଧାନ ଫସଲ ମଧ୍ୟ ଗତ ୮ ବର୍ଷରେ କମିଛି କିମ୍ବା ସାମାନ୍ୟ ବୃଦ୍ଧି ପାଇଛି। ରାଜ୍ୟରେ ସୋରିଷ, ସୋୟାବିନ, ବାଦାମ ଭଳି ତୈଳବୀଜ ଉତ୍ପାଦନ ହ୍ରାସ ପାଇଛି। ୨୦୧୩-୧୪ରେ ରାଜ୍ୟରେ ତୈଳବୀଜ ୬୯୮.୧୭ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ରେ ଏହା ୫୧୩.୯୯ ଲକ୍ଷ ମେଟ୍ରିକ୍ ଟନ୍‌କୁ ଖସିଆସିଛି। ପ୍ରମୁଖ ଡାଲିଜାତୀୟ ଫସଲ ମୁଗ, କୋଳଥ, ଚଣା, ମସୁର ଉତ୍ପାଦନ ନାମକୁମାତ୍ର ବୃଦ୍ଧି ପାଇଛି। ଗତ ୮ ବର୍ଷ ମଧ୍ୟରେ ରାଜ୍ୟରେ କୋଳଥ ଉତ୍ପାଦନ ୨.୩୧ ପ୍ରତିଶତ ହୋଇଥିବା ବେଳେ ମୁଗ ୬.୦୬, ଚଣା ୯.୭୯, ହରଡ଼ ୧୪.୧୪ ପ୍ରତିଶତ ବୃଦ୍ଧି ହୋଇଥିବା କୃଷି ବିଭାଗ ତଥ୍ୟ କହୁଛି। ସେହିପରି ପନିପରିବା ପାଇଁ ମଧ୍ୟ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଗତ ୮ବର୍ଷ ମଧ୍ୟରେ ରାଜ୍ୟରେ ମାତ୍ର ୪.୩୦ ପ୍ରତିଶତ ପନିପରିବା ଉତ୍ପାଦନ ବଢ଼ିଥିବା କୁହାଯାଇଛି। ଅଣଧାନ ଫସଲ ଉତ୍ପାଦନ ରାଜ୍ୟରେ ନିରୁତ୍ସାହଜନକ ଏହା ନିଃସନ୍ଦେହ।



# ଗୋଡ଼ାଇ କାମୁଡୁଛନ୍ତି କୁକୁର

ଭୁବନେଶ୍ୱର(ଭିଓଭି): ରାଜଧାନୀ ରାସ୍ତାଘାଟରେ ବୁଲା କୁକୁର ରାଜ୍ ଚଳାଇଛନ୍ତି। ଗଳିକନ୍ଦିରୁ ରାଜରାସ୍ତାରାରେ ସେମାନଙ୍କ ପ୍ରାର୍ଦୁଭାବ ଦେଖିବାକୁ ମିଳୁଛି। ଗାଡ଼ି ଚାଳକ ହୁଅନ୍ତୁ ଅବା ପଥଚାରୀ, ଏପରିକି ଛୋଟ ପିଲାଙ୍କୁ ମଧ୍ୟ ଏମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ହଠାତ୍ ଚଳନ୍ତା ଗାଡ଼ି ଆଗକୁ ଆସି ଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ମହିଳା ଓ ଶିଶୁଙ୍କୁ ଦେଖିଲେ କୁକୁର ବେଶି ଆକ୍ରମଣାତ୍ମକ ହୋଇପଡୁଛନ୍ତି। ଗତ କିଛିଦିନ ହେବ ରାଜଧାନୀରେ କୁକୁର ଉପଦ୍ରବ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଫଳରେ ଘରୁ ବାହାରିଲେ ଡର ଲାଗୁଛି। କେବଳ କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ୬୦ରୁ ୭୦ କୁକୁର କାମୁଡ଼ା ରୋଗୀ ଆସୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୧ମାସ ପୂର୍ବରୁ ଏହି ସଂଖ୍ୟା ୩୦ରୁ ୩୫ ମଧ୍ୟରେ ରହିଥିବାବେଳେ ଏବେ ତାହା କ୍ରମାଗତ ଭାବେ ବଢି ଚାଲିଛି। ପ୍ରାୟ ୩ଶହ ରୋଗୀ ଏବେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି। ସହରର ବିଭିନ୍ନ ଅଞ୍ଚଳ ସମେତ ଡାକ୍ତରଖାନା ପରିସରରେ ମଧ୍ୟ ବିଲେଇ, କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଛି।

ଗୋଟେପଟେ କୁକୁରମାନେ ହିଂସ୍ର ହୋଇ ପଡୁଥିବାବେଳେ ହାଇକୋର୍ଟ ରାଜ୍ୟରେ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଇଛନ୍ତି। ଫଳରେ କୁକୁରଙ୍କ ସଂଖ୍ୟା କ୍ରମାଗତ ଭାବେ ବଢି ଚାଲିଛି। ପ୍ରଥମେ ଚଳିତ ବର୍ଷ ଅଗଷ୍ଟ ୩୧ ଯାଏ ଏବିସି ଉପରେ ରୋକ୍ ଲଗାଯାଇଥିଲା। ଏ ସମୟରେ ରାଜ୍ୟରେ କୌଣସି ପ୍ରକାରର ଏବିସି କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ଆଦେଶ ଦେଇଥିଲେ। ଫଳରେ ଜୁଲାଇ ୧୦ରୁ ଏହି କାର୍ଯ୍ୟକ୍ରମ ବନ୍ଦ ରହିଛି। ତେବେ ଏଯାବତ୍ କେସ୍‌ର ଫଏସଲା ହୋଇ ପାରୁ ନ ଥିବାରୁ କୁକୁରଙ୍କ ଅସ୍ତ୍ରୋପଚାର ବନ୍ଦ ରହିଛି। ବିଏମ୍‌ସି ସୂଚନା ମୁତାବକ, ବର୍ଷକୁ ୨ହଜାରରୁ ଊର୍ଦ୍ଧ୍ୱ କୁକୁର ଛୁଆ ଜନ୍ମ ହେଉଛନ୍ତି। ଏକ ଆକଳନ ଅନୁଯାୟୀ ଏବେ ସହରରେ ୬୦ହଜାରରୁ ଊର୍ଦ୍ଧ୍ୱ କୁକୁର ରହିଛନ୍ତି। ବିଏମ୍‌ସି ପୂର୍ବରୁ ଦିନକୁ ୨୦ରୁ ୨୫ଟି ହିସାବରେ ମାସକୁ ୫ରୁ ୬ଶହ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରୁଥିବାବେଳେ ଏବେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଛି।

**ରଣଜିତ୍ ପଟ୍ଟନାୟକ**
ଚିଫ୍ ରିପୋର୍ଟର୍

## ମଣିମା ଶୁଣିମା ହେଉ...

There is now overcrowding of street Dogs and around BJB Nagar- the area of Bhubaneswar where I live. It seems the prevailing cold spell has been tormenting them and they keep howling in unison generating an atmosphere of fear and despondency. In Request our Municipal Corporation for erecting an ambient shelter (modular) immediately for these animals with heating arrangements. Appropriate feeding arrangements of course have to be made. Since it's a humanitarian response, canine registration tokens shouldn't be insisted upon.

*Prasanna Mishra*
*Retired Secretary*
*Central Govt.*

TPCODL has proved itself a curse (unwarranted burden) on consumers. It's charging a whooping 954 Rupees to change or replace service wire if get damaged or delinked. Exploitaion at the peak, jago grahak jago

***Durgesh Prasad Mishra***
*Social Worker and Journalist*
*Satyabadi, Puri*

ଶ୍ରମିକ ନେବାକୁ କେରଳରୁ କେନ୍ଦ୍ରାପଡା ଆସିଛି ସ୍ୱତନ୍ତ୍ର ବସ। ଚାଷବାସ ନଥିବାରୁ ପରିବାର ଛାଡ଼ି ଦାଦନ ଖଟିବାକୁ ଅନ୍ୟତ୍ର ଯାଉଛନ୍ତି ଲୋକେ। ଇଚ୍ଛା ନଥିଲେ ବି ପେଟପାଟଣା ପାଇଁ ପରିବାର ଛାଡି ଯାଉଥିବା କହିଲେ ଲୋକେ। ବାହାରକୁ କାମ କରିବାକୁ ଯାଉଥିବା ଏହି ପରିବାର ମାନଙ୍କ ପାଇଁ ସରକାର ଏକ ଗାଇଡ ଲାଇନ୍ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଏକ ହେଲ୍ପ ଲାଇନ୍ ଫୋନ୍ ନମ୍ବର ଜାରି କରନ୍ତୁ। ଅସୁବିଧା ସମୟରେ ପରିବାର ଲେକେ ତାର ସୁବିଧା ନେଇ ପାରିବେ।

**ଦେବ ପ୍ରସାଦ ଦାଶ**
ଅବସରପ୍ରାପ୍ତ ସରକାରୀ କର୍ମଚାରୀ, କଟକ



# ମାଟିଆପଡ଼ା ରେଳ ଓଭରବ୍ରିଜ୍ ନିର୍ମାଣ ବିଳମ୍ବ, ଲୋକେ ହନ୍ତସନ୍ତ

**ରଶ୍ମୀରଞ୍ଜନ ମହାରଥୀ**
ଡିଷ୍ଟ୍ରିକ୍ଟ କରେସପଣ୍ଡେଣ୍ଟ

ପୁରୀ(ଭିଓଭି): ପୁରୀ ସହର ବାସୀ ତଥା ସ୍ଥାନୀୟ ବାସିନ୍ଦା, ବ୍ୟବସାୟୀ, ରାଜନେତା, ଯୁବ ସଂଗଠନ, ଛାତ୍ର ସଂସଦ ଆଦି ମାନଙ୍କ ଦୀର୍ଘ ଦିନର ଦାବି, ଆନ୍ଦୋଳନ ପରେ ସାକାର ହେବାକୁ ଯାଉଛି ମାଟିଆପଡ଼ା ରେଳ ଓଭରବ୍ରିଜ୍‌ର ବାସ୍ତବ ରୂପ। ଜମି ହସ୍ତାନ୍ତର, ଅଧିଗ୍ରହଣ, କ୍ଷତିପୂରଣ, ଉଚ୍ଛେଦ, ରାସ୍ତା ସଂପ୍ରସାରଣ ଆଦି କାମ ସରିଛି। ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଠିକାଦାରଙ୍କ ଉଦାସୀନତା ଯୋଗୁଁ ଏହି ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟି ସ୍ଥାନୀୟ ବାସିନ୍ଦା ସମେତ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

କୋଣାର୍କ ପଟୁ ପୁରୀ ସହରକୁ ମୁଖ୍ୟ ପ୍ରବେଶ ପଥ ମାଟିଆପଡ଼ା ଠାରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ୯୦୦ ମିଟର ରେଳ ଓଭରବ୍ରିଜ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜମି ହସ୍ତାନ୍ତର ପ୍ରକ୍ରିୟା, ଘର ଏବଂ ଜମି ହରାଉଥିବା ଲୋକଙ୍କୁ କ୍ଷତି ପୂରଣ ପରେ ରାସ୍ତାର ଦୁଇ ପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। ଏହି ଓଭରବ୍ରିଜ ବାଲିଘାଟ ଠାରୁ ଆରମ୍ଭ ହୋଇ ମାଟିଆପଡା ଠାରେ ଶେଷ ହେବ। ଦୁଇ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ କାର୍ଯ୍ୟାଦେଶରେ ଉଲ୍ଲେଖ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାସ୍ତାର ଦୁଇ ପାର୍ଶ୍ୱରେ ନଳା, ସ୍ୱେରେଜ କାମ ସରି ପାରିନାହିଁ। ରାସ୍ତା ଉପରେ ବିଦ୍ୟୁତ ଖୁଂଟ ସେମିତି ରହିଛି। ସୀମିତ ମେସିନ୍ ଏବଂ କର୍ମଚାରୀଙ୍କୁ ନେଇ କୁମୁଟିପାଟଣାରୁ ବାଲିଘାଟ ମଧ୍ୟରେ ଏବେ ନଳା କାମ ଧୀର ମନ୍ଥର ଗତିରେ ଚାଲୁଅଛି। ଠିକାଦାର ସାଧାରଣ ଲୋକଙ୍କ ଗମନା ଗମନ ର ଅସୁବିଧାକୁ ଦୃଷ୍ଟି ନଦେଇ ରାସ୍ତା ଉପରକୁ ମୋଟର ଲଗାଇ ନଳା ପାଣି ଛାଡି ଦେବା ଫଳରେ ରାସ୍ତାରେ ନଳା ପାଣିର ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ରାସ୍ତାରେ ବାଲି ସହ ନଳା ପାଣି ଜମା ହୋଇ ରହିବା ଦ୍ୱାରା ସ୍ଥାନୀୟ ଲୋକଙ୍କ ସମେତ ହଜାର ହଜାର ପର୍ଯ୍ୟଟକ, ଛାତ୍ର ଛାତ୍ରୀ, ସାଧାରଣ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ ସହରକୁ ପ୍ରତ୍ୟେହ ପ୍ରାୟ ୫୨ଟି ରେଳ ଗାଡି ଯିବା ଆସିବା କରିଥାନ୍ତି। ତେଣୁ ରେଳଫାଟକ ଟି ବହୁ ସମୟ ବନ୍ଦ ହୋଇ ରହିବା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହି ଦୁର୍ଦ୍ଦଶା ଭୋଗିବା ସାଙ୍ଗକୁ ରାସ୍ତାର ଏ ଅବସ୍ଥା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବହୁଗୁଣିତ କରି ଦେଉଛି। ସେଥି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଏବଂ ଓଭର ବ୍ରିଜ କାମ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ଥାୟୀ ପୋଲ ନିର୍ମାଣ ଦାବି

ଢେଙ୍କାନାଳ(ଭିଓଭି): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପ୍ରସିଦ୍ଧ ମହିମା ଧର୍ମ ପୀଠ ଯୋରନ୍ଦାଠାରୁ ମାତ୍ର ୬ କିମି ତଥା ବାଇଁଶିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଙ୍କା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଉପରେ ଥିବା ଏକ ନାଳ ଉପରେ ଦୀର୍ଘ ୨୦ ବର୍ଷରୁ ଅଧିକ ହେବ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ଦାବି ହୋଇଆସୁଛି।

ପ୍ରତ୍ୟେକ ବର୍ଷ ବର୍ଷା ଓ ବନ୍ୟାରେ ଏହି ପୋଲ ଉପରେ ପାଣି ଚାଲେ ଓ କଙ୍କା ଗ୍ରାମର ପ୍ରାୟ ୬୦୦ ଗ୍ରାମବାସୀ ପ୍ରାୟ ବର୍ଷକୁ ୪ମାସ ଜଳବନ୍ଦୀ ହୋଇ ରହିଥାନ୍ତି। ଏଥିପାଇଁ ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମବାସୀମାନେ ମିଳିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଢେଙ୍କାନାଳ ବିଧାୟକ ସୁଧିର ସାମଲଙ୍କୁ ମଧ୍ୟ ଦାବିପତ୍ର ଦେଇଥିଲେ। ବାରମ୍ବାର ଦାବି ପରେ ତା ୨୫/୦୭/୨୩ ରିଖ ରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିଥିଲେ।

ଗ୍ରାମବାସୀଙ୍କ ୍ବାରମ୍ବାର ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଢେଙ୍କାନାଳ ଓ ଭୁନେଶ୍ୱରଙ୍କ ପ୍ରସ୍ତାବ ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏପର୍ଯ୍ୟନ୍ତ ପତ୍ର ଆସିପାରୁ ନାହିଁ କି କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏପରିକି ୫-ଟି ରେ ପୋଲ ନିର୍ମାଣ ପାଇଁ ଅଭିଯୋଗ ଯାଇଥବା ୩୧୪ ଟି ପୋଲ ନିର୍ମାଣାର୍ଥେ ଥିବା ଭି.ଆଇ.ପି. ଲିଷ୍ଟରେ ଏହି ମୁଖ୍ୟ ନାଳ ଉପରେ ପୋଲ ନିର୍ମାଣ ସ୍ଥାନ ପାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଉନାହିଁ।

ତେଣୁ କଙ୍କା-ବାଇଁଶିଆ ମୁଖ୍ୟ ରାସ୍ତା ଉପରେ ଥିବା ଏହି ନାଳ ଉପରେ ସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ପ୍ରସ୍ତାବ ପାଳିତ ଓ କାର୍ଯ୍ୟକାରୀ ହେଲେ ଗ୍ରାମବାସୀ ମାନେ ଉପକୃତ ହେବେ ବୋଲି ଗ୍ରାମ ସଭାପତି ବିରଞ୍ଚି ନାରାୟଣ ଇନ୍ଦ୍ରଜିତ ସିଂ, ସମ୍ପାଦକ ଶରତ ଚନ୍ଦ୍ର ସ୍ତମ୍ଭ, ଯୁବ ସମାଜସେବୀ ସୁଦର୍ଶନ ସ୍ତମ୍ଭ ତଥା ଅନ୍ୟ ନେତୃବୃନ୍ଦ ମାନେ ଗୁହାରି କରିଛନ୍ତି।

**ରତ୍ନାକର ମହାମାନସିଂ**
ରିପୋର୍ଟର୍





# ଅନ୍‌ଲାଇନ୍‌ରେ ଚାଲିଛି ଡ୍ରଗ୍ସ କାରବାର

ଭୁବନେଶ୍ୱର(ଭିଓଭି): ଓଡ଼ିଶାରେ କାୟା ବିସ୍ତାର କରି ଚାଲିଛନ୍ତି ନିଶା ବେପାରି। ପୋଲିସ ଏବଂ ଏସଟିଏଫ ଚାଲାଣକାରୀଙ୍କୁ ଧରି ବାହା ବାହା ନେଉଥିଲା ବେଳେ କିଙ୍ଗପିନଙ୍କ ପାଖରେ ପହଞ୍ଚି ପାରୁ ନାହାନ୍ତି। ସ୍ଥିତି ଏପରି ହେଲାଣି ଯେ, ରାଜଧାନୀ ଭୁବନେଶ୍ୱରରେ ଅନଲାଇନରେ ଅର୍ଡର କଲେ ଏବେ ଘରେ ଆସି ଡ୍ରଗ୍ସ ପହଞ୍ଚୁଛି। ଫୁଡ୍ ଡେଲିଭରି ସଂସ୍ଥାକୁ ବ୍ୟବହାର କରି ଏହି କାରବାର ଚାଲିଛି। ଏନେଇ ନିଶା ମୁକ୍ତ ଭାରତ ଅଭିଯାନ କମିଟିର ପ୍ରଥମ ରାଜ୍ୟସ୍ତରୀୟ ବୈଠକରେ ଉଦବେଗ ପ୍ରକାଶ କରିଛନ୍ତି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ସେ କହିଛନ୍ତି ଯେ ପୂର୍ବରୁ କେବଳ ସହରରେ ଡ୍ରଗ୍ସ ମିଳୁଥିଲା, ଏବେ ଉପାନ୍ତକୁ ବ୍ୟାପିଲାଣି। ଅନଲାଇନ ଫୁଡ୍ ଡେଲିଭରି ସଂସ୍ଥାକୁ ବ୍ୟବହାର କରି ଏହି କାରବାର ଚାଲିଥିବା ବେଳେ ଖାଦ୍ୟ ନାଁରେ ଡେଲିଭରି ପ୍ୟାକେଟରେ କ'ଣ ଯାଉଛି, ଜାଣିବା ମୁସ୍କିଲ ହେଉଛି। ଅନ୍ୟପଟେ ଡେଲିଭରି ଦେଉଥିବା ସଂସ୍ଥା, କ'ଣ ଯାଉଛି ସେ ବିଷୟରେ ସେମାନେ ପଚାରି ପାରିବେନି। ପୂର୍ବରୁ କେବଳ ଇଞ୍ଜିନିୟରିଂ ପିଲା ଡ୍ରଗ୍ସ ନେଉଥିଲେ ଏବେ ଅନ୍ୟ ସବୁ କଲେଜକୁ ଏହା ବ୍ୟାପିଲାଣି। ତେବେ କମିସନରେଟ ପୋଲିସ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ବଢିଥିବାରୁ ପ୍ରତି ବର୍ଷ ସିଜର ବଢୁଥିବା କମିସନର କହିଛନ୍ତି।





# ଡରେଇଦେଲେ ଖାରବେଳ

## ଡରିଗଲେ ମଙ୍ଗୁଆଳ

ସାଂପ୍ରତିକ ରାଜନୀତିର ଅନ୍ୟତମ ଚର୍ଚ୍ଚିତ ଚେହେରା ଭି. କେ. ପାଣ୍ଡିଆନ ୨୦୨୪ ବିଧାନସଭା କି ଲୋକସଭା ନିର୍ବାଚନ ଲଢ଼ିବେନି ବୋଲି କହିଛନ୍ତି। କିଛିଦିନ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ଭାରତୀୟ ପ୍ରଶାସନିକ ସେବାର ଏହି ପୂର୍ବତନ ଅଧିକାରୀ ଗତ କିଛି ବର୍ଷ ମଧ୍ୟରେ ଅତ୍ୟନ୍ତ ପ୍ରଭାବଶାଳୀ ଅଫିସର ଭାବରେ ନିଜକୁ ପ୍ରତିପାଦିତ କରିପାରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପସନ୍ଦର ଅଫିସର ହୋଇଥିବାରୁ ତାଙ୍କୁ ପ୍ରଥମେ ବ୍ୟକ୍ତିଗତ ସଚିବ ଏବଂ ପରେ ତିଆରି କରାଯାଇଥିବା ସ୍ୱତନ୍ତ୍ର ବିଭାଗ ୫ଟି ର ସଚିବ ହୋଇଥିଲେ। ସଚିବ ନୁହେଁ, ବରଂ ସେ ଛାୟା ମୁଖ୍ୟମନ୍ତ୍ରୀ ବୋଲି ବିଧାୟକ, ମନ୍ତ୍ରୀ, ଏପରିକି ଓଡିଶାର ଜନସାଧାରଣ ମଧ୍ୟ ବିଶ୍ୱାସ କରୁଥିଲେ। ସେ ହିଁ ସରକାରଙ୍କ ପ୍ରକୃତ କ୍ଷମତାକେନ୍ଦ୍ର ଥିଲେ। ଉଭୟ ସରକାର ଓ ବିଜେଡି ଦଳର ସର୍ବେସର୍ବା ବୋଲାଉଥିବା ପାଣ୍ଡିଆନ ବାବୁ ବହୁତ ସମାଲୋଚନାର ଶରବ୍ୟ ହେବା ପରେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କର ଅବସର ଆବେଦନକୁ କେନ୍ଦ୍ର ସରକାର ମାତ୍ର ତିନି ଦିନରେ ଅନୁମୋଦନ କରିଦେଇ ପରୋକ୍ଷରେ ସେ ହିଁ ବିଜେଡି ଦଳ ଓ ସରକାରଙ୍କ ପ୍ରକୃତ କ୍ଷମତାକେନ୍ଦ୍ର ବୋଲି ପ୍ରମାଣିତ କରିଦେଇଥିଲେ। ଚାକିରିରୁ ଅବସର ନେବାର କେଇ ଘଣ୍ଟା ମଧ୍ୟରେ ସେ ପୂର୍ବରୁ ସଚିବ ଥିବା ୫ଟି ବିଭାଗର ଅଧ୍ୟକ୍ଷ (କ୍ୟାବିନେଟ ପାହ୍ୟା) ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହେଲେ। ଯା'ପରେ ସେ ନିଶ୍ଚିତ ରାଜନୀତି କରିବେ ବୋଲି

**କୈଳାସ ଚନ୍ଦ୍ର ଶତପଥି**

ରାଜନୈତିକ ବ୍ୟକ୍ତିବିଶେଷ ଏବଂ ସାଧାରଣ ଜନତା ଆଲୋଚନା କଲେ। କିନ୍ତୁ ୧୫ ଡିସେମ୍ବର ଦିନ ବିଜେଡି ପକ୍ଷରୁ ଦଳୀୟ ଉପସଭାପତି ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଘୋଷଣା କରି କହିଥିଲେ କି ଭି.କେ ପାଣ୍ଡିଆନ ୨୦୨୪ ର କୌଣସି ନିର୍ବାଚନ ଲଢ଼ିବେ ନାହିଁ। ସେକଥାକୁ ସହସା ନିଜେ ପାଣ୍ଡିଆନ ବାବୁ ମଧ୍ୟ ସମର୍ଥନ କରି କହିଥିଲେ କି ସେ ଆଗାମୀ ବର୍ଷ ହେବାକୁ ଥିବା ନିର୍ବାଚନ ରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ପାଣ୍ଡିଆନଙ୍କ ଏହି ନିର୍ବାଚନ ନ ଲଢ଼ିବାର ବଡ଼ ଘୋଷଣା ଭୁବନେଶ୍ୱର ସମେତ ସାରା ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ଅନେକ ଏହାକୁ ପାଣ୍ଡିଆନଙ୍କ ମାଷ୍ଟରଷ୍ଟ୍ରୋକ ବୋଲି କହୁଛନ୍ତି। ନିଜ ବିଜେଡି ଦଳ ଓ ବିରୋଧୀ ବିଜେପି ଏବଂ କଂଗ୍ରେସ ଦଳ ପାଇଁ ଏହା ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କ ଚକମା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। କିନ୍ତୁ ଆମ ମତରେ ଏହା ପାଣ୍ଡିଆନ ବାବୁଙ୍କ ନିର୍ବାଚନ ଲଢ଼ିଲେ ହାରିବା ଡର ବୋଲି ଅନୁମାନ କରୁଛୁ। ନିର୍ବାଚନ ନ ଲଢ଼ିବା ଘୋଷଣାର ଠିକ୍ ଦିନକ ପୂର୍ବରୁ ଖୋଲାକଥାରେ ବିଜେପି ନେତା ତଥା ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁଙ୍କ ବିସ୍ଫୋରକ ବୟାନର ପରିଣାମ ବୋଲି କୁହାଯାଇପାରେ। ନିର୍ବାଚନ ଲଢିଲେ ନିଶ୍ଚିତ ହାରିବେ ବୋଲି ଖୋଲାକଥାରେ ଏକଦମ୍ ଚ୍ୟାଲେଞ୍ଜ କରି କହିଥିଲେ ଖାରବେଳ ବାବୁ। ଏପରିକି ହାରିବା ନିଶ୍ଚିତ ବୋଲି ଲେଖିକି ରଖନ୍ତୁ ବୋଲି ଦମ୍ଭୋକ୍ତି ଦେଖାଇ କହିଥିଲେ ଖାରବେଳ ସ୍ୱାଇଁ। ଏପରି ସ୍ପଷ୍ଟ ଚ୍ୟାଲେଞ୍ଜ ଦେବା ପରଦିନ ବିଜେଡି କାର୍ଯ୍ୟକାରିଣୀ ବୈଠକରେ ପାଣ୍ଡିଆନ କହିଛନ୍ତି ଯେ ମୁଁ ଚଳିତ ନିର୍ବାଚନରେ ଲଢ଼େଇ କରୁନାହିଁ। ଏହାକୁ ନେଇ ରାଜ୍ୟ ରାଜନୀତିରେ ପୁଣି ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରକୃତରେ ପାଣ୍ଡିଆନ ବାବୁ ବିଜେଡି ଦଳକୁ ଅଧିକ ସଂଘଟିତ କରିବା ଚକ୍କରରେ ନିର୍ବାଚନ ଲଢୁନାହାନ୍ତି ନା ଖାରବେଳଙ୍କ ସ୍ପଷ୍ଟ ଚ୍ୟାଲେଞ୍ଜରେ ଭୟଭୀତ ହୋଇ ନିର୍ବାଚନରୁ ଦୂରେଇବାକୁ ମନସ୍ଥ କରିଛନ୍ତି। ପୂର୍ବରୁ ବିରୋଧୀ ଯେଉଁ କଳ୍ପନାଜଳ୍ପନା କରିଥିଲେ ଯେ, ପାଣ୍ଡିଆନ ନିର୍ବାଚନ ଲଢ଼ି ମୁଖ୍ୟମନ୍ତ୍ରୀ କିମ୍ବା ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ସେଥିରେ ଖାରବେଳ ସ୍ୱାଇଁ ପାଣି ପକେଇ ପାଣିଚିଆ କରିଦେଲେ। ତେଣୁ ସେହି ଚର୍ଚ୍ଚାରେ ଏବେ ବିରାମ ଲାଗିଛି। ତେବେ ଦେବୀ ମିଶ୍ରଙ୍କ କହିବା କଥା ଯେ, ପାଣ୍ଡିଆନ ଦଳକୁ ଏବେ ସଶକ୍ତ କରିବା ପାଇଁ ସବୁ ପ୍ରକାରର କାର୍ଯ୍ୟ କରିବେ। ସେ ପୁଣି କହିଛନ୍ତି ଯେ, ଯଦି ପାଣ୍ଡିଆନ ଚାହିଁବେ ତେବେ ସେ ନିର୍ବାଚନରେ ଲଢ଼େଇ କରିପାରିବେ। କାରଣ ଯେହେତୁ ସେ ବର୍ତ୍ତମାନ ଆଇଏଏସ ଚାକିରୀ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। କିନ୍ତୁ ସେ ଏଥର ନିର୍ବାଚନରେ ଲଢ଼େଇ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସେ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ସାରା ରାଜ୍ୟରେ ତ୍ୱରାନ୍ୱିତ କରିବା ସହିତ ଦଳକୁ ଆହୁରି ମଜଭୁତ କରିବେ ବୋଲି ଦେବୀ କହିଛନ୍ତି। ପ୍ରକୃତ କଥା ଆଉ କିଛି ଅଲଗା ହୋଇପାରେ। ଖାରବେଳ ସ୍ୱାଇଁଙ୍କ ଚେତାବନୀ ବିଜେଡି ଲୋକ ହିଁ ପାଣ୍ଡିଆନଙ୍କୁ ହରେଇଦେବେ ଏହି କଥାପଦିକ ହିଁ ପାଣ୍ଡିଆନଙ୍କୁ ନିର୍ବାଚନ ଲଢ଼ିବାରୁ ଦୂରେଇ ରଖିଲା। ତେବେ ହାରିବାର ଭୟ ଲାଗି ନା ମଜଭୁତ୍ ବିଜେଡି ସଂଗଠନ ଲାଗି ପାଣ୍ଡିଆନ ବାବୁ ନିର୍ବାଚନ ନ ଲଢ଼ିବାକୁ ମନସ୍ଥ କଲେ ଏକଥା ସମୟ କହିବ।

***ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ***

# ମୁଣ୍ଡ ଉପରେ ନିର୍ବାଚନ, ଘର ମୁହାଁ ହେଲେଣି ନେତା

ଭୁବନେଶ୍ୱର(ଭିଓଭି): ମୁଣ୍ଡ ଉପରେ ୨୦୨୪ ସାଧାରଣ ନିର୍ବାଚନ। ହାତରେ ଆଉ ୪ରୁ ୫ ମାସ ସମୟ। ତେଣୁ ଏବେଠାରୁ ରାଜଧାନୀରେ ପତିଆରା ଜାହିର କରିବାକୁ ରାଜ୍ୟର ତିନି ପ୍ରମୁଖ ରାଜ?ନେ?ତିକ ଦଳ ଅଣ୍ଟା ଭିଡ଼ିଛନ୍ତି। ଘରେ ଘରେ ପହଞ୍ଚି ଭୋଟରଙ୍କୁ ନିଜ ଆଡ଼କୁ ଟାଣିବାକୁ ତିନି ଦଳର ନେତା ଏବେ ଦିନରାତି ଏକ କରି ଦେଇଛନ୍ତି। ଶାସକ ବିଜେଡି ଦଳ 'ଘରେ ଘରେ ଶଙ୍ଖ ଜନସମ୍ପର୍କ ଅଭିଯାନ' ଆରମ୍ଭ କରି ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରୟାସ କରୁଥିବା ବେଳେ ବିରୋଧୀ ବିଜେପି ଓ କଂଗ୍ରେସ ମଧ୍ୟ ଭୋଟରଙ୍କ ଘରେ ପହଞ୍ଚିବାକୁ ଯୋଜନା ପସ୍ତୁତ କରିଛନ୍ତି। କଂଗ୍ରେସ ପକ୍ଷରୁ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଆଜିଠୁ ଆରମ୍ଭ ହୋଇଥିବା ବେଳେ ସହରରେ ଆବର୍ଜନା ଗନ୍ଧ ପ୍ରସଙ୍ଗକୁ ନେଇ ଭୁବନେଶ୍ୱର ଜିଲ୍ଲା ବିଜେପି ଏବେ ଲୋକଙ୍କ ଘର ମୁହାଁ ହୋଇଛି। ତିନି ପ୍ରମୁଖ ଦଳ ନେତାଙ୍କ ଘର ମୁହାଁ ରଣକୌଶଳ ରାଜଧାନୀ ରାଜନୀତିକୁ ଉଷ୍ମ କରିଛି।

ବିଜେଡିର ଯୋଜନା ଅନୁଯାୟୀ ସପ୍ତାହ ସାରା ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ 'ଘରେ ଘରେ ଶଙ୍ଖ ଜନସମ୍ପର୍କ ଅଭିଯାନ' କରାଯିବ। ସଂସଦୀୟ କ୍ଷେତ୍ରର ୭ଟି ଯାକ ବିଧାନସଭା ମଣ୍ଡଳୀରେ ଏହି ଅଭିଯାନ କରିବାକୁ ନିଷ୍ପତ୍ତି ହୋଇଛି। କେଉଁ ଦିନ କେଉଁ ବିଧାନସଭା କ୍ଷେତ୍ରରେ ଅଭିଯାନ ହେବ ସେନେଇ ରୂପରେଖ ପ୍ରସ୍ତୁତ ହୋଇଛି। ସପ୍ତାହର ଗୋଟିଏ ଦିନ ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ବିଜେଡି ନେତାଙ୍କ ସହ ସଂସଦୀୟ କ୍ଷେତ୍ରର ବିଜେଡି ପର୍ଯ୍ୟବେକ୍ଷକ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବେ। ଭୋଟରଙ୍କ ଭଲ ମନ୍ଦ ବୁଝିବେ। ଯେଉଁମାନଙ୍କର କେ?ଣସି ଅସୁବିଧା କିମ୍ବା ସମସ୍ୟା ରହିଥିବ ତାହା କିଭଳି ସମାଧାନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବେ। ପ୍ରଥମ ପର୍ଯ୍ୟାୟ ଅଭିଯାନ ଶେଷ ହେବାକୁ ବସିଛି।

କଂଗ୍ରେସ ପକ୍ଷରୁ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ 'ବସ୍ତି ବିକାଶ ଅଭିଯାନ'ର ଆଜି ଆରମ୍ଭ ହୋଇଛି। ବିଏମ୍?ସି ୫୩ ନମ୍ବର ୱାର୍ଡର କୁକୁଡ଼େଶ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା କରି କଂଗ୍ରେସ ନେତୃବୃନ୍ଦ ବସ୍ତି ଅଭିମୁଖେ ବାହାରିଥିଲେ। ପରେ ପଳାଶପଲ୍ଲୀରୁ କାରଗିଲ୍ ବସ୍ତି ପର୍ଯ୍ୟନ୍ତ ଏବଂ ଅପରାହ୍ନରେ ୫୬ ନମ୍ବର ୱାର୍ଡର ଗଧିଆଖାଲ ବସ୍ତିରୁ ମହିଷାଖାଲ ବସ୍ତି ପର୍ଯ୍ୟନ୍ତ ବିକାଶ ଅଭିଯାନ ହୋଇଥିଲା। ଘରକୁ ଘର ବୁଲି ଲୋକଙ୍କ ପାଖରେ ପହଞ୍ଚି ବସ୍ତିବାସିନ୍ଦାଙ୍କ ସୁବିଧା ଅସୁବିଧା ବୁଝିବା ସହିତ କିଭଳି ବସ୍ତି ଲୋକଙ୍କୁ ରାଜ୍ୟ ସରକାର ପ୍ରତାରଣା ଦେଇ ଚାଲିଛନ୍ତି ସେସମ୍ପର୍କରେ ବୁଝାଇଥିଲେ। ପ୍ରକୃତରେ ବସ୍ତିବାସିନ୍ଦାଙ୍କର କ'ଣ ଅଧିକାର ରହିଛି ସେନେଇ ସୂଚାଇଥିଲେ। ପ୍ରଦେଶ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କାର୍ଯ୍ୟକ୍ରମର ଆରମ୍ଭ କରିଥିବାବେଳେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ରଶ୍ମି ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗ ଦେଇଥିଲେ।

ରାଜଧାନୀକୁ ଅଳିଆ, ଆବର୍ଜନାର ପାହାଡ଼ ଓ ଦୁର୍ଗନ୍ଧରୁ ମୁକ୍ତି ପାଇଁ ଜିଲ୍ଲା ବିଜେପି ପକ୍ଷରୁ ଚାଲିଥିବା 'ସତ୍ୟାଗ୍ରହ' ୨୦ ଦିନରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ଉଦାସୀନତା ଅଭିଯୋଗ କରି ବିଜେପି ପ୍ରଚାରପତ୍ର ନେଇ ଦୁଇ ଦିନ ହେଲା ଲୋକଙ୍କ ପାଖକୁ ଯାଉଛି। ବିଜେପି ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରଚାର ରଥର ଶୁଭାରମ୍ଭ କରିବା ପରେ ଏବେ ତାହା ସହରର ବିଭିନ୍ନ ଗଳିକନ୍ଦୀ ଓ ଛକରେ ବୁଲି ଲୋକଙ୍କୁ ସଚେତନ କରାଉଛି। ଦଳର ନେତାମାନେ ଏବେ ବିଏମ୍‌ସିର ବିଭିନ୍ନ ୱାର୍ଡ ଅନ୍ତର୍ଗତ ଗାଁ, ବସ୍ତି ଓ କଲୋନିକୁ ଯାଇ ଦୁର୍ଗନ୍ଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛନ୍ତି। ରାଜ୍ୟ ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭୀଚାରର ପାହାଡ଼ ରାଜ୍ୟ ଶାସନ ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଛି। ଏହାଦ୍ୱାରା ସାଧାରଣ ଜନତା ଅସ୍ତବ୍ୟସ୍ତ ହେଲେଣି। ଗୋଟିଏ ପଟେ ରାଜଧାନୀରେ ବିଏମସି ପ୍ରଶାସନ ସ୍ଥାଣୁ ପାଲଟି ସାରିଥିବା ବେଳେ ଅନ୍ୟପଟେ ରାଜ୍ୟ ସରକାର ହାତ ଟେକି ଦେଇଛନ୍ତି। ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ଜିଲ୍ଲା ବିଜେପି ପକ୍ଷରୁ ଆରମ୍ଭ ହୋଇଥିବା ଏହି ସତ୍ୟାଗ୍ରହ ଡମ୍ପିଂୟାର୍ଡର ସ୍ଥାୟୀ ସମାଧାନ କରା ନ ଯିବା ପର୍ଯ୍ୟନ୍ତ ଜାରି ରହିବ।

# India's Kindness & Invention of ORS



India's ORS is a global market of $660 million! Born in India's refugee camps–

During the Pakistan-Bangladesh turf war, this simple but magical salt-sugar elixir has saved over 70 million lives.

ORS's journey to the world –

In 1971- Bangladesh (East Pakistan then) was amid a liberation war. Nearly 10 million had fled across the border to take refuge in India. But, they were not the only ones taking refuge. The camp became a breeding ground for diarrhoea-inducing Cholera due to unclean water. The only treatment? IV-solution drip. The problem? It was in short supply & needed trained staff to administer it.




That's when Dr Dilip Mahalanabis– the camp supervisor– came up with an easy-to-administer fix:

4 tsp table salt

3 tsp baking soda

20 tsp commercial glucose

And, it worked!

The fatality rate dropped from 30% to 3.6% in 14 days !

Soon WHO realised the power of ORS.

It was cheap & effective– making it the perfect front-runner in the fight against global cholera & diarrhoea.

Today it's a global market of $660M, soon to reach $1.2B in the next 5 years. However, the fight is not over yet. 94% of women claim to have ORS. But, diarrhoea is still a leading cause of death in children in India.

Another problem, Big brands like Johnson & Johnson sell costlier ORSL– which is not ORS. It's basically a glorified sports drink but not a treatment for diarrhoea. Although the FSSAI has ordered brands not to sell drinks under the good name of ORS, the practice continues unabashedly.

# ଆଳୁ ଖାଉଥିଲେ ସାବଧାନ

**ପ**ରିବାମାନଙ୍କ ରାଜା ହେଉଛି ଆଳୁ। ସାଧାରଣତଃ ଆଳୁ ଖାଇବା ସମସ୍ତଙ୍କୁ ଭାରି ପସନ୍ଦ। ଆଳୁର ବିଭିନ୍ନ ପ୍ରକାର ବ୍ୟଞ୍ଜନ ତିଆରି କରି ଏହାକୁ ପରଷାଯାଏ। ସମସ୍ତଙ୍କ ଘରେ କିଛି ଥାଉ ବା ନଥାଉ ଆଳୁ କିନ୍ତୁ ନିଶ୍ଚିତ ରୂପେ ଥାଏ। ମାଟି ତଳେ ଫଳୁଥିବା ଏହି ଆଳୁ ପୋଷକ ତତ୍ତ୍ୱରେ ଭରପୁର। କିନ୍ତୁ ଏହି ଆଳୁ ଯେ ଆମ ପାଇଁ ବିପଦ ସାଜିପାରେ ତାହା ଜାଣନ୍ତି କି ଆପଣ। ଏହାକୁ ଅଧିକ ପରିମାଣରେ ଖାଇବା ଘାତକ ହୋଇପାରେ।

ଏକ ଷ୍ଟଡି ରିପୋର୍ଟରୁ ଜଣାପଡିଛି ଯେ, ଆଳୁରେ କାର୍ବୋହାଇଡ୍ରେଟ୍ ଅଧିକ ପରିମାଣରେ ଥାଏ, ଯାହା ଆମ ଶରୀରରେ ଖୁବ ଶୀଘ୍ର ହଜମ ହୋଇଥାଏ। ଏହି କାରଣରୁ, ଆମ ଶରୀରର ରକ୍ତ ଶର୍କରା ଏବଂ ଇନସୁଲିନ୍ ଯଥେଷ୍ଟ ବୃଦ୍ଧି ପାଇ ହଠାତ୍ ଖସିଯାଏ। ଏହା ଶରୀରରେ ଟାଇପ୍-୨ ମଧୁମେହ ହେବାର ଆଶଙ୍କା ସୃଷ୍ଟି କରିପାରେ। ଉଚ୍ଚ ଡାଏଟେରୀ ଗ୍ଲାଇସେମିକ୍ ଖାଦ୍ୟ ଖାଇବା ପରେ ଜଣେ ବ୍ୟକ୍ତି ଶୀଘ୍ର ଭୋକିଲା ଅନୁଭବ କରିପାରନ୍ତି। ଏହା ମଣିଷମାନଙ୍କଠାରେ ଅତ୍ୟଧିକ ଖାଇବା ସମସ୍ୟାକୁ ବଢ଼ାଇପାରେ। ତେଣୁ ଖାଦ୍ୟରେ ଏହାର ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ହାର୍ଭର୍ଡ ହେଲ୍‌ଥ ପକ୍ଷରୁ କରାଯାଇଥିବା ଷ୍ଟଡି ରିପୋର୍ଟରେ କୁହାଯାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଆଳୁ କିମ୍ବା ଶୀଘ୍ର ହଜମ ହେଉଥିବା କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଶରୀରରେ ମୋଟାପଣ, ମଧୁମେହ ଏବଂ ହୃଦରୋଗର ଆଶଙ୍କା ବଢ଼ାଇପାରେ।



ଅଧ୍ୟୟନରୁ ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି ଯେ, ଫ୍ରେଞ୍ଚ ଫ୍ରାଇଜ୍, ବେକ୍ ବା ସିଝା ଆଳୁ ତଥା ଆଳୁ ଚିପ୍ସ ଖାଉଥିବା ଲୋକଙ୍କ କ୍ଷିପ୍ର ଗତିରେ ଓଜନ ବଢ଼ିଥାଏ। ଏହାବ୍ୟତୀତ ଯେଉଁ ଲୋକମାନେ ନିଜ ଡାଏଟ୍‌ରେ ଏସବୁ ଜିନିଷକୁ କମ୍ ବ୍ୟବହାର କରିଛନ୍ତି, ସେମାନଙ୍କ ଓଜନ କମ୍ ବଢ଼ିଛି। ତେଣୁ ଆଳୁର ମାତ୍ରା କମ୍ କରିବା ସହ ଅଧିକ ସବୁଜ ପନିପରିବା ଖାଇବା ପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯେଉଁମାନେ ସପ୍ତାହରେ ଚାରି କିମ୍ବା ତା'ଠାରୁ ଅଧିକ ରନ୍ଧା, ମସଲା ଯୁକ୍ତ କିମ୍ବା ସିଝା ଆଳୁ ଖାଇଥା'ନ୍ତି, ସେମାନଙ୍କଠାରେ ଅନ୍ୟମାନଙ୍କ ତୁଳନାରେ ଉଚ୍ଚ ରକ୍ତଚାପର ଆଶଙ୍କା ୧୧ ପ୍ରତିଶତ ଅଧିକ। ମାସରେ ଥରେ ଫ୍ରେଞ୍ଚ୍ ଫ୍ରାଏ ବା ଆଳୁ ଚିପ୍ସ ଖାଉଥିବା ବ୍ୟକ୍ତିଙ୍କଠାରେ କିନ୍ତୁ ରକ୍ତଚାପ ଅଶଙ୍କା ୧୭ ପ୍ରତିଶତ ଅଧିକ ରହିଥିବା ଅଧ୍ୟୟନରୁ ଜଣାପଡ଼ିଛି।

# ଭାରତ ସମେତ ୧୧ ଦେଶରେ କରୋନା ଆତଙ୍କ

ଜେନେଭା/ନୂଆଦିଲ୍ଲୀ : କରୋନା ମହାମାରୀ ପୁଣି ଥରେ ମୁଣ୍ଡ ଟେକିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ଜେଏନ.୧ ଷ୍ଟ୍ରେନ କୁ ଭ୍ୟାରିଆଣ୍ଟ ଅଫ ଇଣ୍ଟ୍ରେଷ୍ଟ ଘୋଷିତ କରିଛି। ଏହା ମଧ୍ୟ କୁହାଯାଇଛି ଏହା ଜନସ୍ୱାସ୍ଥ୍ୟ ପାଇଁ ଅଧିକ ବିପଦ ସୃଷ୍ଟି କରେ ନାହିଁ। ଜେଏନ.୧ ଭ୍ୟାରିଆଣ୍ଟ ପୂର୍ବରୁ ଏହାର ମୂଳ ବଂଶ ବିଏ.୨.୮୬ ର ଏକ ଅଂଶ ଭାବରେ ଭ୍ୟାରିଆଣ୍ଟ ଅଫ ଇଣ୍ଟ୍ରେଷ୍ଟ ଭାବରେ ଶ୍ରେଣୀଭୁକ୍ତ ହୋଇଥିଲା। ଏହାକୁ ଭ୍ୟାରିଆଣ୍ଟ ଅଫ ଇଣ୍ଟ୍ରେଷ୍ଟ ଭାବରେ ଶ୍ରେଣୀଭୁକ୍ତ କରିବା ପରେ ବୈଜ୍ଞାନିକମାନେ ଏହା ଉପରେ ଗବେଷଣା କରିବେ। ସେମାନେ ଦେଖିବେ ଏହା କେତେ ଶୀଘ୍ର ବିସ୍ତାର ହେଉଛି ? ଏହା ଜଣଙ୍କୁ କେତେ ଅସୁସ୍ଥ କରିଥାଏ ଏବଂ ଟିକା ଏହା ଉପରେ ପ୍ରଭାବ ପକାଇଥାଏ କି ନାହିଁ ? ଡବ୍ଲୁଏଚଓ କହିଛି ସାମ୍ପ୍ରତିକ ପ୍ରମାଣକୁ ଆଧାର କରି, ଜେଏନ.୧ ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱର ଜନସ୍ୱାସ୍ଥ୍ୟ ପ୍ରତି ବିପଦ ବର୍ତ୍ତମାନ କମ ବୋଲି ବିବେଚନା କରାଯାଉଛି।

ଡବ୍ଲୁଏଚଓ କହିଛି ବିଦ୍ୟମାନ ଟିକାଗୁଡ଼ିକ ଜେଏନ.୧ ଏବଂ କରୋନ ଭୂତାଣୁ ଦ୍ୱାରା ସୃଷ୍ଟି ହୋଇଥିବା ଗୁରୁତର ସମସ୍ୟା ଏବଂ ମୃତ୍ୟୁରୁ ରକ୍ଷା କରିବାରେ ସକ୍ଷମ ଅଟେ। ଭୂତାଣୁ ଶୀଘ୍ର ବଦଳୁଛି ଏବଂ ବିକଶିତ ହେଉଛି। ତେଣୁ ଡବ୍ଲୁଏଚଓ ସଦସ୍ୟ ଦେଶଗୁଡ଼ିକୁ ଦୃଢ଼ ତଦାରଖ ଏବଂ ସିକ୍ୱେନ୍ସ ନେଇ ତଥ୍ୟ ଆଦାନପ୍ରଦାନ ଜାରି ରଖିବାକୁ ଅନୁରୋଧ କରିଥିଲା। ଏପର୍ଯ୍ୟନ୍ତ ଆମେରିକା, ଚାଇନା, ସିଙ୍ଗାପୁର, ଭାରତ ଏବଂ କିଛି ୟୁରୋପୀୟ ଦେଶରେ ଜେଏନ.୧ ସଂକ୍ରମଣ ମାମଲା ଦେଖିବାକୁ ମିଳିଛି।

ଭାରତରେ ମଧ କରୋନାର ଜେଏନ.୧ ଭ୍ୟାରିଆଣ୍ଟ ମାମଲା ଦେଖିବାକୁ ମିଳିଛି। ଏହା ପୁଣି ଥରେ କରୋନା ବୃଦ୍ଧି ମାମଲାକୁ ନେଇ ଚିନ୍ତା ବଢ଼ାଇଛି। କେରଳରେ ଏହାର ମାମଲା ଦେଖିବାକୁ ମିଳିଛି। ଏନେଇ ରାଜ୍ୟ ସରକାର ସତର୍କ ଅଛନ୍ତି। କେରଳର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ଡାକ୍ତରଖାନାରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦେଶରେ ବର୍ତ୍ତମାନ ୧,୯୯୭୦ ସକ୍ରିୟ ମାମଲା ରହିଛି, ସେଥିମଧ୍ୟରୁ ୧,୭୪୯ ଟି କେରଳରେ ଦେଖିବାକୁ ମିଳିଛି। ସୋମବାର ଦିନ ୧୪୨ ଟି ନୂଆ ମାମଲା ପଞ୍ଜିକରଣ ହୋଇଥିଲା, ସେଥିମଧ୍ୟରୁ ୧୧୫ ଟି କେରଳର।

ଭାରତ ସମେତ ଏସିଆର ଅନେକ ଦେଶରେ କରୋନା ମାମଲା ବୃଦ୍ଧି ପାଉଛି। ଚାଇନା, ସିଙ୍ଗାପୁର, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ମାଲେସିଆରେ କୋଭିଡ ମାମଲା ବୃଦ୍ଧି ପାଇଛି। ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ଛୁଟି ପୂର୍ବରୁ ଏହି ମାମଲା ବୃଦ୍ଧି ପାଇଛି, ଯାହା ଚିନ୍ତାର ବିଷୟ ପାଲଟିଛି। କେରଳର ମାମଲା ପରେ ପଡୋଶୀ ରାଜ୍ୟ ତାମିଲନାଡୁ ଏବଂ କର୍ଣ୍ଣାଟକର ଚିନ୍ତା ବଢ଼ିଛି। ତେବେ ଏହାର ଲକ୍ଷଣ ଅତି ସାଧାରଣ ଏବଂ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେପ୍ଟେମ୍ବରରେ ପ୍ରଥମ ଥର ପାଇଁ ଆମେରିକାରେ ଏହାର ସଂକ୍ରମଣ ଦେଖିବାକୁ ମିଳିଥିଲା। ସେବେଠାରୁ ଏହା ୧୧ଟି ଦେଶକୁ ବ୍ୟାପିଛି।

# घर के वास्तु



सुचिस्मिता प्रधान
नाड़ी ज्योतिष एवं वास्तु विशेषज्ञ

लाल किताब के द्वारा आप अपने घर के वास्तु को भी जान सकते हैं। इस लेख में लाल किताब की कुंडली के हर भाव से घर के वास्तु पर प्रकाश डाला गया है।

पहला भाव : जन्म कुंडली के पहले भाव का संबंध ड्राइंगरूम (बैठक) से होता है। जहां पर बैठकर हम अन्य व्यक्तियों से बातचीत करते हैं। यदि पहले घर में मंदे ग्रहों का प्रभाव हो तो ऐसे व्यक्ति की बैठक में अवश्य ही वास्तु दोष होता है।

दूसरा भाव : जन्म कुंडली के दूसरे भाव से मकान के बारे में जानकारी प्राप्त होती है। मकान कैसा होगा, उसका आकार-प्रकार एवं विस्तार छोटा होगा या बड़ा, इसका विचार कुंडली के दूसरे भाव से किया जाता है। दूसरे भाव में किसी भी प्रकार के ग्रह दोषों के कारण गृह वास्तु में आकार संबंधी दोष एवं कष्ट उत्पन्न होते हैं।

तीसरा भाव : जन्मकुंडली के तीसरे भाव का संबंध मकान में उपलब्ध सुख-सुविधाओं की वस्तुओं एवं साधनों से होता है। यदि तीसरे भाव में शुभ ग्रह बली स्थिति में हो, तो ऐसे व्यक्ति के पास सुख-ऐश्वर्य के साधन बहुत सुलभ होते हैं। तीसरे भाव का संबंध घर में रखे हुए हथियारों से भी है। यदि घर में टूटे हुए हथियार रखें, तो ऐसे व्यक्ति को तीसरे घर में बैठे शुभ ग्रहों का नेक फल नहीं मिलता है। उसकी सुख-सुविधा के साधनों में कमी आ जाती है। छोटे भाई-बहिनों को परेशानियों का सामना करना पड़ता है।

चौथा भाव : जन्मकुंडली के चौथे भाव से घर में नल, कुआं, जल का स्रोत, पानी रखने की जगह का विचार किया जाता है। घर में रस भरे फलदार वृक्षों का विचार भी चौथे भाव से किया जाता है। यदि चौथे भाव में पाप ग्रह अशुभ प्रभाव उत्पन्न कर रहे हों, तो ऐसे घरों में रस वाले फल के पौधे नहीं लगाने चाहिए। ऐसे व्यक्ति को पानी, दूध और कपड़े के व्यवसाय में हानि होती है।

पांचवा भाव : जन्मकुंडली में पांचवे भाव का संबंध मकान की पूर्वी दीवार से होता है। उसके साथ बुद्धि, विद्या प्राप्त करने एवं ग्रंथों का अध्ययन करने के स्थान का विचार भी पंचम भाव से किया जाताहै। पंचम भाव की अशुभ स्थिति एवं अशुभ ग्रहों से घर में अध्ययन करने के स्थान में अवश्य ही वास्तु दोष होता है, साथ ही घर में बच्चों का पढ़ाई में मन नहीं लगता है तथा विद्या के मार्ग में बाधाएं आती हैं।




छठा भाव : जन्मकुंडली में छठे भाव का संबंध मकान में बने तहखाने से होता है। छठे भाव में पाप ग्रहों का प्रभाव होने पर घर में तहखाना नहीं होना चाहिए, अन्यथा व्यक्ति निरंतर अवनति की ओर जाता है।

सातवां भाव : जन्मकुंडली में सातवां भाव उस स्थान को प्रदर्शित करता है, जहां पर व्यक्ति का जन्म होता है। जन्म स्थान के शहर या गांव के बारे में भी कुंडली का सातवां भाव बताता है। घर में गूदेदार फल वाले वृक्षों का विचार भी कुंडली के सातवें भाव से किया जाता है।

आठवां भाव : जन्मकुंडली के आठवें भाव से मकान की दक्षिणी दीवार की स्थिति का पता चलता है। मकान के आसपास का वातावरण एवं दवाईयां रखने के स्थान का पता भी इसी भाव से लगाया जाता है। मकान में अग्नि का स्थान व मकान की छत का विचार भी इसी भाव से किया जाता है। ऐसे पौधों एवं वृक्षों जिनमें न फल लगते हों, न फूल लगते हों उनका विचार आठवें भाव से किया जाता है। आठवें भाव में यदि मंदे या अशुभ ग्रहों का प्रभाव हो तो ऐसे मकान के आसपास के वातावरण, छत आदि में अवश्य ही कोई न कोई वास्तु दोष होता है।

नौवां भाव : जन्मकुंडली के नौवें भाव से मकान में पूजा-पाठ के स्थान यानी मकान में मंदिर के बारे में विचार किया जाता है। मकान में बुजुर्ग व्यक्तियों का कमरा कैसा होगा, इस बारे में भी नौवें भाव से ही विचार किया जाता है। नौवां भाव में किसी भी प्रकार के अशुभ ग्रहों का दोष या नौवां भाव की अशुभ स्थिति होने पर मकान के मंदिर में अवश्य ही कोई न कोई वास्तु दोष होता है।

दशम भाव : जन्मकुंडली के दसवें भाव का संबंध मकान की पश्चिम दिशा से होता है। मकान बनाने में लगे ईंट-पत्थर एवं लकड़ी-लौहे का विचार भी इसी भाव से किया जाता है।

ग्यारहवां : जन्मकुंडली के ग्यारहवें भाव से मकान की बाहरी सजावट और सुंदरता का विचार किया जाता है। यदि ग्यारहवें भाव में शुभ ग्रह स्थित हों, तो ऐसे व्यक्ति का मकान बाहर से देखने में अच्छा लगता है।

बारहवां भाव : जन्मकुंडली के बारहवें भाव से मकान में शयनकक्ष का विचार किया जाता है। पति-पत्नी के शयनकक्ष (बैड-रूम) में संबंध कैसे रहेंगे, व्यक्ति को नींद का सुख कैसा मिलेगा, आदि का विचार बारहवें भाव से ही होता है। बारहवें भाव से आस-पड़ोस के मकानों के संदर्भ में भी विचार किया जाता है। बारहवें भाव में अशुभ ग्रहों के स्थित होने पर पति-पत्नी के बीच में अनबन रहती है तथा व्यक्ति को नींद ठीक से नहीं आती।

# ମା' ଚାମୁଣ୍ଡା ମନ୍ଦିର



ବିହାରରେ ନଭାଦା ଜିଲାରେ ରୁପେ ଗାଁରେ ଅବସ୍ଥିତ ମା' ଚାମୁଣ୍ଡା ମନ୍ଦିରରେ ପୂଜା କରିବା ଦ୍ୱାରା ଭକ୍ତଙ୍କ ସମସ୍ତ ମନୋକାମନା ପୂରଣ ହେବା ସହିତ ସେମାନଙ୍କୁ ସବୁ କଷ୍ଟରୁ ମୁକ୍ତି ମିଳିଥାଏ ବୋଲି କୁହାଯାଏ। ନଭାଦାଠାରୁ ପାଖାପାଖି ୨୩ କି.ମି ଦୂରରେ ରୋହ-କେଆକୋଲ ମାର୍ଗରେ ଅବସ୍ଥିତ ରୁପେ ଗାଁରେ ମା' ଚାମୁଣ୍ଡା ମନ୍ଦିରରେ ପୂଜା କରିବା ଦ୍ୱାରା ଭକ୍ତଙ୍କ ସବୁ ମନସ୍କାମନା ପୂରଣ ହୋଇଥାଏ। ନବରାତ୍ରି ସମୟରେ ଏଠାରେ ଭକ୍ତଙ୍କ ଭିଡ଼ ଜମିଥାଏ। ମା' ଚାମୁଣ୍ଡା ଦେବୀଙ୍କ ଦରବାରରେ ଉପାସନା କରିବା ଦ୍ୱାରା ଭକ୍ତଙ୍କୁ ରୂପ, ଜୟ ଓ ଯଶ ପ୍ରାପ୍ତି ହୋଇଥାଏ। ମା' ଚାମୁଣ୍ଡା ଦେବୀଙ୍କ ଦର୍ଶନ ଓ ପୂଜନ କରିବା ଦ୍ୱାରା ଭକ୍ତଙ୍କ ଜୀବନର ସମସ୍ୟା, ବାଧା ଓ କଷ୍ଟରୁ ମୁକ୍ତି ମିଳିଥାଏ।

ମା' ଚାମୁଣ୍ଡା ଶକ୍ତିପୀଠରେ ସପ୍ତମୀରେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ସକାଳୁ ଶ୍ରଦ୍ଧାଳୁମାନେ ଏଠାରେ ପହଞ୍ଚି ମାତାଙ୍କ ଆରାଧନା କରିଥାନ୍ତି। ଯେଉଁମାନଙ୍କ ମନୋକାମନା ପୂରଣ ହୋଇଥାଏ, ସେମାନେ ନିଜ ପରିବାର ସହିତ ଏଠାରେ ପହଞ୍ଚି ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିର ପ୍ରାଙ୍ଗଣରେ ମା' ଚାମୁଣ୍ଡାଙ୍କର ପ୍ରତିଦିନ ସକାଳ, ସନ୍ଧ୍ୟାରେ ଶୃଙ୍ଗାର ଓ ଆଳତି କରାଯାଇଥାଏ। ମନ୍ଦିର ପରିସରରେ ଅନେକ ଦେବଦେବୀଙ୍କ ମୂର୍ତ୍ତି ମଧ୍ୟ ରହିଛି। ମାର୍କଣ୍ଡେୟ ପୁରାଣରେ ମା' ଚାମୁଣ୍ଡା ଦେବୀଙ୍କ ଶୌର୍ଯ୍ୟ ଗାଥା ବର୍ଣ୍ଣିତ। ମାର୍କଣ୍ଡେୟ ପୁରାଣ ଅନୁସାରେ ଦେବଲୋକରେ ଆତଙ୍କ କରି ରଖିଥିବା ଶୁମ୍ଭ-ନିଶୁମ୍ଭ ଦୈତ୍ୟ ଭ୍ରାତୃଦ୍ୱୟ ନିଜ ଶିଷ୍ୟ ଚଣ୍ଡ-ମୁଣ୍ଡଙ୍କୁ ମା' ଦୁର୍ଗାଙ୍କ ସହିତ ଯୁଦ୍ଧ କରିବା ପାଇଁ ପଠାଇଥିଲେ। ମା' ଯୁଦ୍ଧରେ ଚଣ୍ଡ-ମୁଣ୍ଡଙ୍କ ସଂହାର କରିଥିଲେ। ଏହାପରେ ମା' ଅମ୍ବାଙ୍କୁ ଚାମୁଣ୍ଡା ଦେବୀ ବୋଲି ସମ୍ବୋଧନ କରାଯାଇଥିଲା। ଚଣ୍ଡ-ମୁଣ୍ଡଙ୍କ ସଂହାର ପରେ ସେମାନଙ୍କ ମୁଣ୍ଡର ମାଳ ପିନ୍ଧି ମା' ଚାମୁଣ୍ଡା ଦେବୀ ଶୁମ୍ଭ-ନିଶୁମ୍ଭ ଦୈତ୍ୟଙ୍କର ମଧ୍ୟ ସଂହାର କରିଥିଲେ। ଏହାପରେ ଦେବଦେବୀ ଶାନ୍ତିରେ ନିଶ୍ୱାସ ମାରିଥିଲେ। ପୁରୋହିତଙ୍କ କହିବାନୁସାରେ ଶୁମ୍ଭ-ନିଶୁମ୍ଭ ସଂହାର କରିବା ପାଇଁ ମା' ଅମ୍ବା ଯେଉଁ ସ୍ଥାନରେ ନିଜ ରୂପ ବଦଳାଇଥିଲେ, ଉକ୍ତ ସ୍ଥାନର ନାମ ରୂପେ ନାମରେ ଜଣାଶୁଣା ମା'ଉତ୍ତରାୟଣୀ। ପୌରାଣିକ ମତରେ ଭଗବାନ ଶଙ୍କର ଯେତେବେଳେ ନିଜ ପତ୍ନୀ ସତୀଙ୍କ ମୃତ ଶରୀରକୁ ନେଇ ତିନି ଲୋକ ବୁଲୁଥିଲେ, ସେତେବେଳେ ସମ୍ପୂର୍ଣ୍ଣ ସୃଷ୍ଟି ଭୟଭୀତ ହୋଇଯାଇଥିଲା। ସେତେବେଳେ ଦେବତାଙ୍କ ଅନୁରୋଧରେ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡିତ କରିଥିଲେ। ଯେଉଁ ଯେଉଁ ସ୍ଥାନରେ ମାତା ସତୀଙ୍କ ଶରୀରର ଖଣ୍ଡ ପଡ଼ିଥିଲା, ତାହାକୁ ଶକ୍ତିପୀଠ ଭାବେ ଗ୍ରହଣ କରାଯାଇଥିଲା। ମାତା ସତୀଙ୍କ ଶରୀର ଅଂଶ ଯେଉଁ ସ୍ଥାନରେ ପଡ଼ିଥିଲା, ବର୍ତ୍ତମାନ ସେଠାରେ ମା' ଚାମୁଣ୍ଡା ଦେବୀଙ୍କ ଶକ୍ତିପୀଠ ଅବସ୍ଥିତ। ପ୍ରତ୍ୟେକ ମଙ୍ଗଳବାର ଏଠାରେ ମାତାଙ୍କ ଦର୍ଶନ ଓ ପୂଜନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ମନ୍ଦିରରେ ଶିବ, ପାର୍ବତୀ, ଗଣେଶ, ବଜରଙ୍ଗବାଲି, ଦୁର୍ଗାଦେବୀ, ମହାକାଳ, ଶନିଦେବ, ବିଶ୍ୱକର୍ମା, ଭଗବାନ ଏବଂ ରାଧାକୃଷ୍ଣ ବିଦ୍ୟମାନ। ମନ୍ଦିରରେ ପ୍ରସାଦସ୍ୱରୂପ କ୍ଷୀର, ନଡ଼ିଆ, ପେଡ଼ା ଆଦି ପୂଜା କରାଯାଏ।

# Pension and Taxation




**Prayash R Mishra**
Investment Consultant

Pensions are fixed sums of money that you receive at regular intervals after your retirement. Since they're essentially a source of income, they're subject to tax as salaried income as per the Income Tax Act, 1961. However, the taxability of pensions may vary depending on the type of pension that you've chosen to receive after retirement.

### Commuted and Uncommuted Pensions

When you retire, you're usually given the option to choose between uncommuted and commuted pension. If you choose to receive a commuted pension, a percentage of the pension fund contributed by you and your employer is paid out in advance as a lump sum amount. The remaining amount in the pension fund is then paid out to you in fixed instalments at regular intervals throughout your life. Since a large portion of the pension fund is already paid out to you in advance, the amount of pension you receive in each instalment will be lower in this case.

On the other hand, when you choose to receive an uncommuted pension, the entire pension fund is used to provide you with a fixed sum of money at regular intervals for life. You don't receive any lump sum amount in this case.

- ❒ Taxation on Commuted and Uncommuted Pensions
- ❒ Taxability of Uncommuted Pension

The uncommuted pension payments you receive from your previous employer are classified as 'Income from Salaries' under the Income Tax Act, 1961, and are taxed at the slab rate applicable to you.

### Taxability of Commuted Pension

If you're a government employee, the commuted part of the pension (the lump sum amount) that you receive will be exempt from tax. However, the regular pension payouts you receive thereafter will be fully taxable under the head 'Income from Salaries'.

If you're a non-government employee, the income tax on your pension will vary depending on whether or not you receive gratuity payments along with your pension.

If you receive gratuity along with your pension One third of the commuted pension is tax-free, whereas the remaining two-thirds is fully taxable under the head 'Income from Salaries'.

If you only receive a pension ? 50% of the commuted pension will be tax-free, whereas the remaining 50% will be fully taxable as salaried income.

Taxability of Pension from Life Insurance Companies

Regular Pension from Pension or Annuity plans of Life Insurance companies would be taxable under the head "Income from Other Sources'.

Premiums paid in a financial year towards pension/annuity plan for receiving pension from a fund are eligible for deduction under Section 80CCC# up to the limit of Rs. 1,50,000/- in a financial year.

Any payment received in commutation of pension as a lump sum on maturity is exempt under section 10(10A) of the Income-tax Act, 1961#, subject to fulfilment of various conditions under the current income-tax law.

### Taxability of Pension for Senior Citizens

Since pension payments are classified as salaries or as income from other sources, as the case may be under the Income Tax Act, 1961, they're taxed at the income tax slab rates applicable to you.

### Taxability of Family Pension

Family Pension paid as regular monthly income (uncommuted pension) by the employer to a family member of an employee in the event of his/ her death is taxed under the head "Income from Other Sources' in the hands of a family member. Family Pension is taxable after allowing a deduction of 1/3rd of the uncommuted pension received or Rs.15000, whichever is less under section 57(iia).

### Tax Deduction at Source by Banks as per Section 194P

Section 194P enforces the banks to deduct tax on senior citizens of more than 75 years of age who have only pension and interest income from the bank. Such senior citizens are also exempt from filing income tax returns if pension income and interest income are their only annual income source.

# ପାରିତ ହେଲା ତିନି ଅପରାଧିକ ଆଇନ ସଂଶୋଧନ ବିଲ୍

ନୂଆଦିଲ୍ଲୀ: ଆପରାଧିକ ଆଇନ ସହ ଜଡିତ ତିନୋଟି ବିଲ୍ ଲୋକସଭାରେ ପାରିତ ହୋଇଛି। ଏହାପୂର୍ବରୁ ବୁଧବାର ଏହି ବିଲ୍ ଉପରେ ଆଲୋଚନା ପରେ ବାଚନିକା ଭୋଟରେ ଏଗୁଡିକ ପାରିତ ହୋଇଛି। ଆତଙ୍କବାଦ, ମହିଳାଙ୍କ ପ୍ରତି ଅପରାଧ, ଦେଶଦ୍ରୋହ ଏବଂ ଭିଡ଼ ହିଂସା ସହ ଜଡିତ ନୂତନ ବ୍ୟବସ୍ଥା ଏହି ନୂତନ ଆଇନରେ ପ୍ରବର୍ତ୍ତିତ ହୋଇଛି। ଏହି ବିଲ୍ ଗୁଡିକ ଏକ ସମୟରେ ପାରିତ ହୋଇଛି ଯେତେବେଳେ ଉଭୟ ଗୃହର ୧୪୩ ସଦସ୍ୟଙ୍କୁ ନିଲମ୍ବିତ କରାଯାଇଛି।

ଏହି ତିନିଟି ସଂଶୋଧିତ ଭାରତୀୟ ନ୍ୟାୟ ସଂହିତା (୨ୟ) ୨୦୨୩ ବିଲ୍, ଭାରତୀୟ ନାଗରିକ ସୁରକ୍ଷା (୨ୟ) ସଂହିତା ବିଲ୍ ଓ ଭାରତୀୟ ସାକ୍ଷ୍ୟ (୨ୟ) ବିଲ୍। ଭାରତର ଇବ୍ରିଟିଶ ଅମଳରୁ ଚାଲି ଆସୁଥିବା ଆପରାଧିକ ଆଇନ ଇଣ୍ଡିଆନ ପେନାଲ କୋଡ୍ (ଆଇପିସି), କୋଡ ଅଫ କ୍ରିମିନାଲ ପ୍ରୋସେଜ୍ୟୋର ଓ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ବଦଳରେ ଲାଗୁ ହେବ। ଏହି ତିନି ନୂତନ ବିଲ୍ ଅନୁଯାୟୀ ଗଣ ବଳାତ୍କାର ମାମଲାରେ ବର୍ତ୍ତମାନ ଏହି ବିଲରେ ୨୦ ବର୍ଷ ଜେଲ କିମ୍ବା ଆଜୀବନ କାରାଦଣ୍ଡ ପ୍ରାବଧାନ ରହିଛି। ଏହା ବ୍ୟତୀତ ମିଛ ପ୍ରତିଶ୍ରୁତି ଦେଇ କିମ୍ବା ପରିଚୟ ଲୁଚାଇ ଯୌନ ସମ୍ପର୍କ ରଖିବା ମଧ୍ୟ ଅପରାଧ ଶ୍ରେଣୀରେ ଅନ୍ତର୍ଭୁକ୍ତ ହେବ। ଏଥିରେ ୧୮ ବର୍ଷରୁ କମ୍ ଝିଅକୁ ବଳାତ୍କାର ମାମଲାରେ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ପାଇଁ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ଯୌନ ହିଂସା ମାମଲାରେ କେବଳ ମହିଳା ନ୍ୟାୟିକ ମାଜିଷ୍ଟ୍ରେଟ ଏହି ବିବୃତ୍ତି ରେକର୍ଡ କରିବେ। ପୀଡିତାଙ୍କ ବିବୃତ୍ତି ତାଙ୍କ ବାସଭବନରେ ଜଣେ ମହିଳା ପୋଲିସ କର୍ମଚାରୀଙ୍କ ସାମ୍ନାରେ ରେକର୍ଡ ହେବ। ବିବୃତ୍ତି ରେକର୍ଡ କରିବା ସମୟରେ ପୀଡିତାଙ୍କ ମା / ପିତା କିମ୍ବା ଅଭିଭାବକ ଉପସ୍ଥିତ ରହିପାରିବେ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

**Contact : Whattapp :6371417361**
**Email- voiceofvictimsnews@gmail.com**
**Chief Editor :- kailash Ch. Satapathy**
**Chief Reporter:- Ranjit Pattnaik**

**ବିଜ୍ଞାପନ**

| | |
|---|---|
| Full Page Colour-15000 | Half Page B/W- 6000 |
| Full Page B/W- 10000 | Quarter Page Colour- 5000 |
| Half Page Colour-10000 | Quarter Page B/W- 3000 |

CONTACT
6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe : Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର